# ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ

# ସମୀକ୍ଷା ପ୍ରତିବେଦନ

# ମାର୍ଚ୍ଚ 2022 ରେ ସମାପ୍ତ ବର୍ଷ ପାଇଁ ପ୍ରମୁଖ ଖଣିଜ ରାଜସ୍ୱର ଆକଳନ ଓ ଅସୁଲିର ବ୍ୟବସ୍ଥା ଏବଂ ନିୟନ୍ତ୍ରଣ ଉପରେ ସମ୍ପାଦନ ସମୀକ୍ଷା

SUPREME AUDIT INSTITUTION OF INDIA

लोकहितार्थ सत्यनिष्ठा

Dedicated to Truth in Public Interest

**ଓଡ଼ିଶା ସରକାର**

*ପ୍ରତିବେଦନ ସଂଖ୍ୟା 6 ବର୍ଷ 2024*

# ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ
# ସମୀକ୍ଷା ପ୍ରତିବେଦନ
# ମାର୍ଚ୍ଚ 2022 ରେ ସମାପ୍ତ ବର୍ଷ ପାଇଁ ପ୍ରମୁଖ ଖଣିଜ ରାଜସ୍ୱର ଆକଳନ ଓ ଅସୁଲିର ବ୍ୟବସ୍ଥା ଏବଂ ନିୟନ୍ତ୍ରଣ ଉପରେ ସମ୍ପାଦନ ସମୀକ୍ଷା

**ଓଡ଼ିଶା ସରକାର**

*ପ୍ରତିବେଦନ ସଂଖ୍ୟା 6 ବର୍ଷ 2024*

# ସୂଚୀପତ୍ର


| ଅନୁଚ୍ଛେଦ | ବିଷୟବସ୍ତୁ | ପୃଷ୍ଠା ସଂଖ୍ୟା |
|---|---|---|
| | ମୁଖବନ୍ଧ | v |
| | ବୈଷୟିକ ଶବ୍ଦର ବର୍ଣ୍ଣନା | vii |
| | କାର୍ଯ୍ୟନିର୍ବାହୀ ସାରାଂଶ | xiii |
| | ସୁପାରିଶ | xix |
| **ଅଧ୍ୟାୟ I** | **ଉପକ୍ରମ** | |
| 1.1 | ଓଡ଼ିଶାର ଖଣିଜ ସମ୍ପଦ | 1 |
| 1.2 | ସାଂଗଠନିକ ଗଠନ | 2 |
| 1.3 | ଖଣି ରାଜସ୍ୱର ଧାରା | 2 |
| 1.4 | ଅଡିଟ୍ ଉଦ୍ଦେଶ୍ୟ | 4 |
| 1.5 | ଅଡିଟ୍ ମାନଦଣ୍ଡ | 4 |
| 1.6 | ପରିସର ଏବଂ ପଦ୍ଧତି | 5 |
| 1.7 | ଏକୀକୃତ ଖଣି ଏବଂ ଖଣିଜ ପଦାର୍ଥ ପରିଚାଳନା ପଦ୍ଧତି (ଆଇଓଏମ୍ଏସ୍) | 5 |
| 1.8 | ସ୍ୱୀକୃତି | 6 |
| 1.9 | ଏହି ରିପୋର୍ଟର ଅଡିଟ୍ ପର୍ଯ୍ୟବେକ୍ଷଣରେ ଜଡ଼ିତ ଅର୍ଥ ରାଶି | 6 |
| **ଅଧ୍ୟାୟ II** | **ଅନୁଦାନ/ ଖଣି ଲିଜ୍‌ର ମିଆଦ ବୃଦ୍ଧି** | |
| 2.1 | ଉପକ୍ରମ | 7 |
| 2.2 | ଲିଜ୍ ପ୍ରଦାନରେ ଅନିୟମିତତା | 9 |
| 2.2.1 | ବଲାଙ୍ଗୀର ଖଣି ସର୍କଲ ଅଧିନରେ କ୍ୱାର୍ଟଜ୍ ଏବଂ ରତ୍ନପଥର ଖଣି ପାଇଁ ଖଣି ଲିଜ | 10 |
| 2.2.2 | କୋରାପୁଟ ଖଣି ମଣ୍ଡଳ ଅଧିନ ଅର୍ଦ୍ଧ ମୂଲ୍ୟବାନ ପଥର (ବୈଦୁର୍ଯ୍ୟ) ଖଣି ପାଇଁ ଖଣି ଲିଜ୍ | 11 |
| 2.2.3 | କଳାହାଣ୍ଡି ଖଣି ମଣ୍ଡଳ ଅଧିନରେ ଥିବା ରତ୍ନପଥର (ବୈଦୁର୍ଯ୍ୟ) ଖଣି ପାଇଁ ଖଣି ଲିଜ୍ | 12 |
| 2.3 | ପ୍ରମୁଖ ଖଣିଜ ପଦାର୍ଥ ଲିଜ୍‌ର ଅନିୟମିତ ମିଆଦବୃଦ୍ଧି | 13 |
| 2.3.1 | କୋରାପୁଟ ଖଣି ମଣ୍ଡଳ ଅଧିନରେ ଥିବା ମାଙ୍ଗାନିଜ ଖଣି ପାଇଁ ଖଣି ଲିଜ୍ | 13 |
| 2.3.2 | କୋଇଡା ଖଣି ମଣ୍ଡଳ ଅଧିନସ୍ଥ ଲୌହ ଓ ମାଙ୍ଗାନିଜ ଓର୍ ପାଇଁ ଖଣି ଲିଜ୍ | 14 |
| 2.3.3 | ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ଲୁହାପଥର ପାଇଁ ଖଣି ଲିଜ୍ | 15 |
| 2.4 | ବିନିର୍ଦ୍ଦିଷ୍ଟ ଲଘୁ ଖଣିଜ ପଦାର୍ଥ ଲିଜ୍‌ର ଅନିୟମିତ ମିଆଦବୃଦ୍ଧି | 17 |
| 2.4.1 | କୋରାପୁଟ ଖଣି ମଣ୍ଡଳ ଅଧିନସ୍ଥ ସଜାବଟି ପଥର ଖଣି ପାଇଁ ଖଣି ଲିଜ୍ | 17 |
| 2.4.2 | ବଲାଙ୍ଗୀର ଖଣି ମଣ୍ଡଳ ଅଧିନସ୍ଥ ସଜାବଟି ପଥର ଖଣି ପାଇଁ ଖଣି ଲିଜ୍ | 18 |
| 2.5 | ବାତିଲ ହୋଇଥିବା ଲିଜ୍ ଗୁଡିକର ନିଲାମ ପ୍ରକ୍ରିୟା ଆରମ୍ଭ ନକରିବା | 19 |
| 2.6 | ବିନିର୍ଦ୍ଦିଷ୍ଟ ଲଘୁ ଖଣିଜ ବ୍ଲକ ନିଲାମରେ ବିଳମ୍ବ | 20 |
| **ଅଧ୍ୟାୟ III** | **ଖଣିଜ ପଦାର୍ଥ ପ୍ରେରଣ ଏବଂ ବିକ୍ରିର ପ୍ରତିବେଦନ** | |
| 3.1 | ଉପକ୍ରମ | 23 |
| 3.2 | ରୟାଲଟି ଏବଂ ପ୍ରିମିୟମର ଗଣନା ପ୍ରଣାଳୀ | 23 |

| ଅନୁଚ୍ଛେଦ | ବିଷୟବସ୍ତୁ | ପୃଷ୍ଠା ସଂଖ୍ୟା |
|---|---|---|
| 3.2.1 | ଉତ୍ତୋଳିତ ଲୁହାପଥର ଶ୍ରେଣୀର ପ୍ରତିବେଦନ | 25 |
| 3.2.2 | ଲୌହ ଗୁଣ୍ଡର ସୂକ୍ଷ୍ମ ଗୁଣ୍ଡ ଭାବେ ପ୍ରତିବେଦନ | 41 |
| 3.2.3 | ଲୌହ-ଧାତୁର ଆକାର ଅନୁଯାୟୀ ପ୍ରତିବେଦନ (ଖଣ୍ଡ ବନାମ ଗୁଣ୍ଡ) | 45 |
| 3.3 | ଲୁହାପଥରର ଏକ୍ସ ମାଇନ୍ସ ମୂଲ୍ୟରେ ବ୍ୟାପକ ପରିବର୍ତ୍ତନ | 48 |
| 3.3.1 | ସମାନ ଲିଜ୍‌ଧାରୀଙ୍କ ଦ୍ୱାରା ସମାନ ମାସରେ ସମାନ ଲୁହାପଥରର ଶ୍ରେଣୀରେ ପ୍ରତିବେଦିତ ହୋଇଥିବା ଏକ୍ସ ମାଇନ୍ସ ମୂଲ୍ୟରେ ବ୍ୟାପକ ଭିନ୍ନତା | 49 |
| 3.3.2 | ସମାନ ମାସରେ ସମାନ ଶ୍ରେଣୀର ଲୌହ-ଧାତୁ କ୍ଷେତ୍ରରେ ବିଭିନ୍ନ ଲିଜଧାରୀଙ୍କ ଦ୍ୱାରା ପ୍ରତିବେଦିତ ଏକ୍ସ ମାଇନ୍ସ ମୂଲ୍ୟରେ ବ୍ୟାପକ ଭିନ୍ନତା | 51 |
| 3.4 | ଲିଜ ଅଞ୍ଚଳରେ ନିମ୍ନଶ୍ରେଣୀ ଲୌହଧାତୁ ଓ କ୍ରୋମାଇଟ୍‌ର ଅଣଉପଯୋଗ/ ଅଣ-ନିଷ୍କାସନ | 53 |
| 3.4.1 | ଖଣି ଯୋଜନାର ଉଲ୍ଲଂଘନ କରି ନିମ୍ନ-ଶ୍ରେଣୀ ଲୌହଧାତୁର ଅଣ-ଉପଯୋଗ | 53 |
| 3.4.2 | ଲିଜ୍ ଖଣିରୁ ଉତ୍ତୋଳିତ ହୋଇଥିବା ନିମ୍ନ-ଶ୍ରେଣୀୟ ଲୌହ -ଧାତବର ଅଣ -ହିସାବ | 55 |
| 3.4.3 | ଖଣି ଯୋଜନାର ଉଲ୍ଲଂଘନ ଜନିତ ନିମ୍ନ-ଶ୍ରେଣୀୟ କ୍ରୋମାଇଟର ଉଚ୍ଚ ଶ୍ରେଣୀ ଧାତୁରେ ଅମିଶ୍ରଣ ଓ ଅଣ-ଉପଯୋଗିତା | 55 |
| **ଅଧ୍ୟାୟ IV** | **ଖଣିଜ ଦ୍ରବ୍ୟ ପ୍ରାପ୍ତିଗୁଡ଼ିକର ଆକଳନ ଏବଂ ସଂଗ୍ରହ** | |
| 4.1 | ଉପକ୍ରମ | 59 |
| 4.2 | ରୟାଲ୍‌ଟିର ବିଳମ୍ବିତ ଦେୟ ଉପରେ ସୁଧର ଅଣ-ବସାଣ | 59 |
| 4.3 | ଲିଜଧାରୀମାନଙ୍କ ଦ୍ୱାରା ପ୍ରତିବେଦିତ ହୋଇଥିବା ବିକ୍ରୟ କାରବାରର ଯାଞ୍ଚ ନହେବା ହେତୁ ରୟାଲଟିର ସ୍ୱଳ୍ପ ଆକଳନ | 60 |
| 4.4 | ଜବତ ହୋଇଥିବା ଖଣିଜ ପଦାର୍ଥର ନିକାଶ ନହେବା ଦ୍ୱାରା ରାଜସ୍ୱ ଅବରୋଧ | 61 |
| 4.5 | ବେଆଇନ୍ ଉତ୍ତୋଳନ ପାଇଁ କ୍ଷତିପୂରଣର ଅଣପ୍ରାପ୍ତି | 62 |
| 4.5.1 | ଲୁହାପଥର ଏବଂ ମାଙ୍ଗାନିଜ ଖଣିର ବେଆଇନ୍ ଉତ୍ତୋଳନ ପାଇଁ କ୍ଷତିପୂରଣ | 62 |
| 4.5.2 | କ୍ରୋମାଇଟର ବେଆଇନ୍ ଉତ୍ତୋଳନ ପାଇଁ କ୍ଷତିପୂରଣ ଦାବି | 63 |
| **ଅଧ୍ୟାୟ V** | **ଖଣି ଖନନ କାର୍ଯ୍ୟକଳାପର ନିୟନ୍ତ୍ରଣ** | |
| 5.1 | ଉପକ୍ରମ | 65 |
| 5.2 | ବୈଧାନିକ ମଞ୍ଜୁରୀ ଏବଂ ଅନୁମୋଦିତ ଖଣି ଯୋଜନାର ଉଲ୍ଲଙ୍ଘନ କରି ଖଣିଜ ପଦାର୍ଥର ଉତ୍ତୋଳନ | 65 |
| 5.2.1 | ପରିବେଶ ମଞ୍ଜୁରୀରେ ଅନୁମୋଦିତ ପରିମାଣ ଠାରୁ ଅଧିକ କୋଇଲା ଉତ୍ତୋଳନ | 66 |
| 5.2.2 | ପରିବେଶ ମଞ୍ଜୁରୀରେ ଅନୁମୋଦିତ ପରିମାଣ ଠାରୁ ଅଧିକ ଲୁହାପଥର ଉତ୍ପାଦନ | 67 |
| 5.2.3 | ଖଣି ଯୋଜନାରେ ଅନୁମୋଦିତ ପରିମାଣ ଠାରୁ ଅଧିକ ଲୁହାପଥର ଉତ୍ତୋଳନ | 68 |
| 5.2.4 | ଜଙ୍ଗଲ ଜମି ଅଧିଗ୍ରହଣ/ ମଞ୍ଜୁରୀ ବିନା କ୍ରୋମାଇଟ୍ ଉତ୍ତୋଳନ | 70 |

| ଅନୁଚ୍ଛେଦ | ବିଷୟବସ୍ତୁ | ପୃଷ୍ଠା ସଂଖ୍ୟା |
|---|---|---|
| 5.2.5 | ଲିଜ୍‌ର ଅନଧିକୃତ ହସ୍ତାନ୍ତର କରି ଖଣିର ପରିଚାଳନା | 71 |
| **ଅଧ୍ୟାୟ VI** | **ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଏବଂ ତଦାରଖ** | |
| 6.1 | ଉପକ୍ରମ | 73 |
| 6.2 | ସରକାରୀ ପରୀକ୍ଷାଗାର ଗୁଡିକର କାର୍ଯ୍ୟକାରିତା | 73 |
| 6.2.1 | ଅତ୍ୟାବଶ୍ୟକ ରାସାୟନିକ ପଦାର୍ଥର ପର୍ଯ୍ୟାପ୍ତ ଷ୍ଟକ୍ ବିନା ଧାତବ ନମୁନାର ବିଶ୍ଲେଷଣ | 75 |
| 6.2.2 | ଲିଜ୍‌ଧାରୀଙ୍କ ଠାରୁ ପ୍ରାପ୍ତ ରାସାୟନିକ ପଦାର୍ଥର ବ୍ୟବହାର | 77 |
| 6.2.3 | ନମୁନା ବିଶ୍ଲେଷଣ ସମ୍ବନ୍ଧୀୟ ବୈଷୟିକ କର୍ମଚାରୀଙ୍କ ଅଭାବ | 77 |
| 6.2.4 | ସରକାରୀ ପରୀକ୍ଷାଗାର ଗୁଡିକର ବିଶ୍ଲେଷଣ ରିପୋର୍ଟରେ ପାର୍ଥକ୍ୟ | 79 |
| 6.3 | ଟ୍ରାଞ୍ଜିଟ୍ ପାସ୍ (ଈ-ପାସ୍) ପ୍ରଦାନ | 80 |
| 6.4 | ଚେକ୍ ଗେଟ୍/ଓ୍ୱେ ବ୍ରିଜ୍ ର କାର୍ଯ୍ୟକାରିତା | 82 |
| 6.5 | ନିରୀକ୍ଷଣ | 86 |
| 6.5.1 | ରାଜ୍ୟସ୍ତରୀୟ ପ୍ରବର୍ତ୍ତନ ସ୍କ୍ୱାଡ୍ ଦ୍ୱାରା ଅପର୍ଯ୍ୟାପ୍ତ ସଂଖ୍ୟକ ଚଢାଉ | 86 |
| 6.5.2 | ଖଣିଗୁଡ଼ିକର ଅପର୍ଯ୍ୟାପ୍ତ ନିରୀକ୍ଷଣ | 88 |

| **ପରିଶିଷ୍ଟ** | | |
|---|---|---|
| *ପରିଶିଷ୍ଟ* I | ନିମ୍ନଶ୍ରେଣୀ ଲୁହାପଥର ରିପୋର୍ଟିଂ ହେତୁ ରୟାଲଟି ଏବଂ ପ୍ରିମିୟମର ସ୍ୱଳ୍ପ ବସାଣ- ଜଜାଙ୍ଗ ଲୁହାପଥର ଖଣି | 91 |
| *ପରିଶିଷ୍ଟ* II | ନିମ୍ନଶ୍ରେଣୀ ଲୁହାପଥର ରିପୋର୍ଟିଂ ହେତୁ ରୟାଲଟି ଏବଂ ପ୍ରିମିୟମର ସ୍ୱଳ୍ପ ବସାଣ -ରୋଇଡ଼ା-II ଲୁହାପଥର ଖଣି | 92 |
| *ପରିଶିଷ୍ଟ* III | ନିମ୍ନଶ୍ରେଣୀ ଲୁହାପଥର ରିପୋର୍ଟିଂ ହେତୁ ରୟାଲଟି ଏବଂ ପ୍ରିମିୟମର ସ୍ୱଳ୍ପ ବସାଣ-ଠାକୁରାଣୀ ଲୁହାପଥର ଖଣି | 93 |
| *ପରିଶିଷ୍ଟ* IV | ନିମ୍ନଶ୍ରେଣୀ ଲୁହାପଥର ରିପୋର୍ଟିଂ ହେତୁ ରୟାଲଟି ଏବଂ ପ୍ରିମିୟମର ସ୍ୱଳ୍ପ ବସାଣ-ନୂଆଗାଁ ଲୁହାପଥର ଖଣି | 94 |
| *ପରିଶିଷ୍ଟ* V | ନିମ୍ନଶ୍ରେଣୀ ଲୁହାପଥର ରିପୋର୍ଟିଂ ହେତୁ ରୟାଲଟି ଏବଂ ପ୍ରିମିୟମର ସ୍ୱଳ୍ପ ବସାଣ-ଜରିବାହାଲ ଲୁହାପଥର ଖଣି | 95 |
| *ପରିଶିଷ୍ଟ* VI | ନିମ୍ନଶ୍ରେଣୀ ଲୁହାପଥର ରିପୋର୍ଟିଂ ହେତୁ ରୟାଲଟି ଏବଂ ପ୍ରିମିୟମର ସ୍ୱଳ୍ପ ବସାଣ- ଗୋନୁଆ ଲୁହାପଥର ଖଣି | 96 |
| *ପରିଶିଷ୍ଟ* VII | ନିଲାମ ପରେ ଛଅ ଜଣ ଲିଜ୍‌ଧାରୀଙ୍କ ଦ୍ୱାରା ଲୁହାପଥରର ଗ୍ରେଡର ନିମ୍ନତମ ଗ୍ରେଡ ରିପୋର୍ଟିଂ ଯୋଗୁଁ ରୟାଲଟି ଓ ପ୍ରିମିୟମର ସ୍ୱଳ୍ପ ଆଦାୟର ବିବରଣ | 97 |
| *ପରିଶିଷ୍ଟ* VIII | ଲୁହାପଥର ଗୁଣ୍ଡକୁ ସ୍କ୍ରିନ ଫାଇନ୍ସ ଆକାରରେ ଦର୍ଶାଯାଇଥିବା ବିବରଣ | 98 |
| *ପରିଶିଷ୍ଟ* IX | ଏଫ୍1 ରିଟର୍ଣ୍ଣରେ ଆଇବିଏମ୍‌କୁ ପ୍ରଦାନ କରାଯାଇଥିବା ମୋଟ ପରିମାଣ ଓ ବିକ୍ରି ମୂଲ୍ୟକୁ ଆଧାର କରି ଲିଜ୍‌ଧାରୀମାନଙ୍କ (ଆର୍ଥିକ ବର୍ଷ 2015-16) ଏକ୍ସ ମାଇନ୍ସ ମୂଲ୍ୟ | 99 |
| *ପରିଶିଷ୍ଟ* X | ଖଣିଜ ପଦାର୍ଥର ନିରନ୍ତର ବ୍ୟବହାର ଏବଂ ସଂରକ୍ଷଣର ନିୟମକୁ ଉଲ୍ଲଙ୍ଘନ କରି ଲିଜ୍ ଅଞ୍ଚଳରେ ନିମ୍ନ ଶ୍ରେଣୀ ଲୁହା ଏବଂ କ୍ରୋମାଇଟ୍ ମହଜୁଦ | 106 |
| *ପରିଶିଷ୍ଟ* XI | ଓଏମ୍ ସି, ଦକ୍ଷିଣ କାଳିଆପାଣି କ୍ରୋମାଇଟ ଖଣି: ନିମ୍ନ ଶ୍ରେଣୀ ଖଣିଜ ପଦାର୍ଥର ପ୍ରତ୍ୟକ୍ଷ ବିକ୍ରୟ ହେତୁ ରୟାଲଟିର କ୍ଷତି | 107 |

| | | |
|---|---|---|
| *ପରିଶିଷ୍ଟ* XII | ରୟାଲଟିର ବିଳମ୍ବିତ ଦେୟ ଉପରେ ସୁଧ ଆଦାୟ ନକରିବା | 108 |
| *ପରିଶିଷ୍ଟ* XIII | 2015-22 ଅବଧି ମଧ୍ୟରେ ଭ୍ୟାଟ୍/ ଜିଏସ୍‌ଟି ଅଧିନିୟମ ଅନୁଯାୟୀ ଖଣି ମାଲିକ (ଲିଜଧାରୀ)ଙ୍କ ବାର୍ଷିକ ରିଟର୍ଣ୍ଣରେ ଘୋଷିତ ଭିନ୍ନ ଭିନ୍ନ ବିକ୍ରୟ କାରବାର ଉପରେ ଭିନ୍ନ ଭିନ୍ନ ରୟାଲଟି ଆଦାୟ ହେବ | 111 |
| *ପରିଶିଷ୍ଟ* XIV | ପରିବେଶ ମଞ୍ଜୁରୀ ଅନୁମୋଦିତ ପରିମାଣରୁ ବେଆଇନ ଭାବେ ଅଧିକ ଲୁହାପଥର ଉତ୍ପାଦନ | 113 |
| *ପରିଶିଷ୍ଟ* XV | ବେଆଇନ ଭାବେ ଖଣି ଯୋଜନାରେ ନିର୍ଦ୍ଧାରିତ ପରିମାଣଠାରୁ ଅଧିକ ଧାତୁର ଉତ୍ପାଦନ | 114 |
| *ପରିଶିଷ୍ଟ* XVI | ଜଙ୍ଗଲ ମଞ୍ଜୁରୀ ବିନା ବେଆଇନ କ୍ରୋମାଇଟ୍ ଉତ୍ପାଦନ | 115 |
| ସଂକ୍ଷିପ୍ତ ଶବ୍ଦକୋଷ | | 117 |

# ମୁଖବନ୍ଧ

ଭାରତୀୟ ସମ୍ବିଧାନର ଧାରା 151 ଏବଂ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ କର୍ତ୍ତବ୍ୟ, କ୍ଷମତା ଏବଂ ସେବା ସର୍ତ୍ତାବଳୀ ଅଧିନିୟମ, 1971 ଅନୁଯାୟୀ 31 ମାର୍ଚ୍ଚ 2022 ରେ ସମାପ୍ତ ହୋଇଥିବା ବର୍ଷ ପାଇଁ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଏହି ପ୍ରତିବେଦନ, ଓଡ଼ିଶା ରାଜ୍ୟପାଳଙ୍କ ନିକଟରେ ଉପସ୍ଥାପନ କରିବା ନିମନ୍ତେ ପ୍ରସ୍ତୁତ କରାଯାଇଛି ।

ଏହି ପ୍ରତିବେଦନରେ ପ୍ରମୁଖ ଖଣିଜ ରାଜସ୍ୱର ଆକଳନ ଓ ଅସୁଲିର ବ୍ୟବସ୍ଥା ଏବଂ ନିୟନ୍ତ୍ରଣ ଉପରେ ସମ୍ପାଦନ ସମୀକ୍ଷାର ଫଳାଫଳ ଅନ୍ତର୍ଭୁକ୍ତ । ଖଣିଜ ପଦାର୍ଥ ଉତ୍ତୋଳନ ପାଇଁ ଖଣି ଲିଜ୍ ପ୍ରଦାନ ଏବଂ ଲିଜ୍ ମିଆଦ ବୃଦ୍ଧି ପ୍ରଯୁଜ୍ୟ ନିୟମ ଓ ନୀତି ସମ୍ମତ ଥିଲା କି ନାହିଁ; ଲିଜଧାରୀଙ୍କ ଦ୍ୱାରା ପ୍ରେରଣ ଏବଂ ବିକ୍ରୟରେ ରିପୋର୍ଟ କରାଯାଇଥିବା ଖଣିଜ ପଦାର୍ଥର ସଠିକତା ସମ୍ପୃକ୍ତ ଅଧିକାରୀ ଯାଞ୍ଚ କରିଥିଲେ କି ନାହିଁ; ବୈଧାନିକ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ନିୟମ ଅନୁଯାୟୀ ଖଣି କାର୍ଯ୍ୟକଳାପ ନିୟନ୍ତ୍ରିତ ହେଉଥିଲା କି ନାହିଁ; ପ୍ରଯୁଜ୍ୟ ନୀତି ଓ ନିୟମ ଅନୁଯାୟୀ ଖଣିଜ ରାଜସ୍ୱର ଆକଳନ ଓ ଅସୁଲି ହେଉଥିଲା କି ନାହିଁ; ଏବଂ ବେଆଇନ୍ ଖଣି ଖନନ ଏବଂ ଖଣି ରାଜସ୍ୱ ହାନିକୁ ରୋକିବା ପାଇଁ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଓ ପର୍ଯ୍ୟାଲୋଚନା ପ୍ରଭାବଶାଳୀ ଭାବରେ କାର୍ଯ୍ୟ କରୁଥିଲା ନା ନାହିଁ, ତାହା ଆକଳନ କରିବା ଉଦ୍ଦେଶ୍ୟରେ ଏହି ସମ୍ପାଦନ ସମୀକ୍ଷା ପରିଚାଳନା କରାଯାଇଥିଲା ।

ଏହି ସମ୍ପାଦନ ସମୀକ୍ଷାରେ ଇସ୍ପାତ ଓ ଖଣି ବିଭାଗର ମନୋନୀତ ପାଞ୍ଚଟି ଖଣି ସର୍କଲ ଏବଂ ଖଣି ନିର୍ଦ୍ଦେଶାଳୟକୁ ଅନ୍ତର୍ଭୁକ୍ତ କରାଯାଇଛି ।

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା ଜାରି କରାଯାଇଥିବା ସମୀକ୍ଷା ମାନଦଣ୍ଡ ଅନୁସାରେ ସମୀକ୍ଷା ପରିଚାଳନା କରାଯାଇଅଛି ।

ଅନୁବାଦିତ ପ୍ରତିବେଦନରେ ସନ୍ଦେହ ଜାତ ହେଲେ, ଇଂରାଜୀ ପ୍ରତିବେଦନକୁ ପ୍ରାମାଣିକ ଭାବେ ଗ୍ରହଣ କରାଯିବା ବିଧେୟ ।

# ବୈଷୟିକ ଶବ୍ଦର ବର୍ଣ୍ଣନା

ଏହି ସମୀକ୍ଷା ପ୍ରତିବେଦନରେ ଅନେକ ବୈଷୟିକ ଶବ୍ଦ ବ୍ୟବହାର କରାଯାଇଛି । ଏଥିରେ ପ୍ରମୁଖ ଖଣିଜ ପଦାର୍ଥ, ନିର୍ଦ୍ଦିଷ୍ଟ ଲଘୁ ଖଣିଜ ବଦାର୍ଥ ସମ୍ବନ୍ଧୀୟ ବୈଷୟିକ ଶବ୍ଦର ବର୍ଣ୍ଣନା ସଂକଳିତ ହୋଇଛି ।

***ପ୍ରମୁଖ ଖଣିଜ ପଦାର୍ଥ, ନିର୍ଦ୍ଦିଷ୍ଟ ଲଘୁ ଖଣିଜ ପଦାର୍ଥ ସମ୍ବନ୍ଧୀୟ ବୈଷୟିକ ଶବ୍ଦ***

***(A)*** **ଅତିରିକ୍ତ ରାଶି** ହେଉଛି ଜଣେ ସଫଳ ବିଡରଙ୍କ ଦେବାରା ଦେୟ ପ୍ରଦାନକାରୀ ରାଶି (ନିଲାମ ସମୟରେ ଉଦ୍ଧୃତ ଉତ୍ପାଦ ଖଣିଜ ପଦାର୍ଥର ଶତକଡ଼ା ମୂଲ୍ୟ) ଯଦ୍ୱାରା ଲିଜ୍ ଅନୁଦାନ ପରେ ଏକ ଲିଜ୍ ଧାରକ ହୋଇପାରିବ ।

***ପ୍ରାଧିକୃତ ଅଧିକାରୀ*** ହେଉଛନ୍ତି ଖଣି ନିର୍ଦ୍ଦେଶକ କିମ୍ବା ଭୂବିଜ୍ଞାନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ କିମ୍ବା ଅନ୍ୟ କୌଣସି ଖଣି ନିର୍ଦ୍ଦେଶାଳୟର ଅଧିକାରୀ କିମ୍ବା ଭୂବିଜ୍ଞାନ ନିର୍ଦ୍ଦେଶାଳୟର ଅଧିକାରୀ କିମ୍ବା ଏହି ଉଦ୍ଦେଶ୍ୟ ପାଇଁ ସରକାରଙ୍କ ଲିଖିତ ଆକାରରେ ଅନୁମୋଦିତ ବ୍ୟକ୍ତି ।

***ହାରାହାରି ବିକ୍ରୟ ମୂଲ୍ୟ*** ହେଉଛି ଭାରତୀୟ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ୍) ଦ୍ୱାରା ଲିଜ୍‌ଧାରୀଙ୍କ ଦ୍ୱାରା ରିପୋର୍ଟ କରାଯାଇଥିବା ପୂର୍ବ ଖଣି ମୂଲ୍ୟ ଆଧାରରେ ମାସିକ (ରାଜ୍ୟ ଏବଂ ଖଣିଜ ପଦାର୍ଥ ଅନୁସାରେ) ସଂକଳିତ ଏବଂ ପ୍ରକାଶିତ ମୂଲ୍ୟ ।

***(B)*** ***ଲାଭ*** ହେଉଛି ଏକ ଇଚ୍ଛିତ ଉତ୍ପାଦର ଆକାରକୁ ନିୟନ୍ତ୍ରଣ କରିବା, ଅବାଞ୍ଛିତ ଉପାଦାନଗୁଡ଼ିକ ଅପସାରଣ, ଏବଂ ଗୁଣବତ୍ତା, ଶୁଦ୍ଧତା କିମ୍ବା ମାନ ପରଖି ଉନ୍ନତି ଉଦ୍ଦେଶ୍ୟରେ ଖଣିଜ ପଦାର୍ଥ କିମ୍ବା ଖଣିଜ ପ୍ରକ୍ରିୟାକରଣ

***ବିଡ୍ ଶତକଡ଼ା*** – ଖଣିଜ ପଦାର୍ଥ ବ୍ଲକଗୁଡ଼ିକର ନିଲାମ ସମୟରେ ଯୋଗ୍ୟ ବିଡର ମାନେ, ସେମାନଙ୍କର ଅନ୍ତିମ ଅଫର୍ ମୂଲ୍ୟ ଦାଖଲ କରନ୍ତି ଯାହା କି ଖଣିଜ ପଦାର୍ଥର ଶତକଡ଼ା ମୂଲ୍ୟ ଚଟାଣ ମୂଲ୍ୟଠାରୁ ଅଧିକ ହେବ ।

***(C)*** ***କାଲିବ୍ରେଟେଡ୍ ଲମ୍ପ ଧାତୁ,*** ଯାହା ପ୍ରକ୍ରିୟାକରଣର (କ୍ରସିଂ ଓ ସ୍କ୍ରିନିଂ) ପରେ ଉତ୍ପାଦିତ 5-18 ମିମି 10-30 ମିମି ଇତ୍ୟାଦି ଆକାରର ଧାତୁ ।

***କ୍ୟାପଟିଭ ବ୍ୟବହାର*** ହେଉଛି ଏକ ଖଣି ଲିଜ୍ ଅଞ୍ଚଳରୁ ଖଣିଜ ପ୍ରକ୍ରିୟାକରଣ ପରେ ଅବ୍ୟବହୃତ ଗୁଣର ଖଣିଜକୁ ବାଦ ଦେଇ ଲିଜଧାରୀଙ୍କ ଦ୍ୱାରା ବାହାର କରାଯାଇଥିବା ଖଣିଜ ପଦାର୍ଥର ବ୍ୟବହାର

***କ୍ଷମତାପନ୍ନ ଅଧିକାରୀ*** ହେଉଛି ସଂପୃକ୍ତ ସରକାରୀ ବିଭାଗ ଯାହାକି ସ୍ତମ୍ଭ(2) ଏବଂ (1) ରେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଏବଂ ଅଧିକାର ପାଇଁ ଓଏମ୍ଏମ୍ସି (ସଂଶୋଧନ) ନିୟମ, 2017 ର ସିଡ୍ୟୁଲ୍ ଚତୁର୍ଥର ସ୍ତମ୍ଭ (3) ଏବଂ (4) ରେ ଉଲ୍ଲେଖ କରାଯାଇଛି ।

***କାର୍ଯ୍ୟ କରିବାକୁ ସହମତି/ କାର୍ଯ୍ୟ କରିବାକୁ ସମ୍ମତି*** ହେଉଛି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଅଧିନିୟମ 1974 ର ଧାରା 25 ଅନୁଯାୟୀ ଜଳ (ପ୍ରଦୂଷଣର ପ୍ରତିରୋଧ ଏବଂ ନିୟନ୍ତ୍ରଣ) ଏବଂ ଅଧିନିୟମ 1981 ର ଧାରା 21 ଅନୁଯାୟୀ ବାୟୁ (ପ୍ରଦୂଷଣର ପ୍ରତିରୋଧ ଏବଂ ନିୟନ୍ତ୍ରଣ), କୌଣସି ଶିଳ୍ପ, କାର୍ଯ୍ୟ କିମ୍ବା ପ୍ରକ୍ରିୟା ପ୍ରତିଷ୍ଠା ପାଇଁ ଆବଶ୍ୟକ ସମ୍ମତି ।

***ନିୟନ୍ତ୍ରଣ ପ୍ରାଧିକାରୀ*** ହେଉଛି ଓଏମ୍ଏମ୍ସି (ସଂଶୋଧନ) ନିୟମ 2017 ର କାର୍ଯ୍ୟସୂଚୀ III ର ସ୍ତମ୍ଭ (2) ରେ ଉଲ୍ଲେଖ କରାଯାଇଥିବା ଅଧିକାରୀ ଏବଂ ଏହାର ପ୍ରତ୍ୟେକ ସ୍ତମ୍ଭ (I) ରେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଏବଂ ଅଧିକାର ପାଇଁ (ନିୟନ୍ତ୍ରଣ ପ୍ରାଧିକାରୀ ହେଉଛନ୍ତି ଜିଲ୍ଲାପାଳ ଯାହା ଅନୁସୂଚୀ- III ରେ ଉଲ୍ଲେଖିତ) ।

***ଚୂର୍ଣ୍ଣ ହୋଇଥିବା ଫାଇନ*** ଗୁଡିକ ହେଉଛି ଲୁହା ଖଣିର ଖଣିଜ ପଦାର୍ଥ ଯାହା ସୂକ୍ଷ୍ମ ଭାବରେ ଚୂର୍ଣ୍ଣ କିମ୍ବା ପାଉଡର ହୋଇଥିବା ଖଣ୍ଡ ଗୁଡିକ ।

**(D)** ***ଡେଡ୍ ରେଣ୍ଟ*** ହେଉଛି ଏକ ଦେୟ ଯାହା ଲିଜ୍ ଉପକରଣରେ ଅନ୍ତର୍ଭୁକ୍ତ ସମସ୍ତ କ୍ଷେତ୍ର ପାଇଁ ଏମ୍ଏମ୍‌ଡିଆର୍ ଅଧିନିୟମ 1957 ର ତୃତୀୟ ସୂଚୀରେ ନିର୍ଦ୍ଦିଷ୍ଟ ହାରରେ ଖଣି ଲିଜ୍ ଧାରକ ପ୍ରତିବର୍ଷ ପ୍ରଦାନ କରିବେ ।

***ସାଜସଜ୍ଜା ପଥର*** ହେଉଛି ସମସ୍ତ ପ୍ରକାରର ଗ୍ରାନାଇଟ୍ ଏବଂ ଅନ୍ୟ କୌଣସି ଆୟତନ ପଥର ସହିତ ସାଜସଜ୍ଜା କିମ୍ବା ରପ୍ତାନି ଉଦ୍ଦେଶ୍ୟ ପାଇଁ ଉପଯୁକ୍ତ ପଥର ।

***ଡିଜିପିଏସ୍ ସର୍ଭେ*** ଭିନ୍ନ ଭିନ୍ନ ଗ୍ଲୋବାଲ ପୋଜିସନ୍ ସିଷ୍ଟମ (ଡିଜିପିଏସ୍)ର ଏକ ଉନ୍ନତି, ଯାହା ଉନ୍ନତ ଅବସ୍ଥାନ ସଠିକତା ଉପରେ ଆଧାରିତ ତଥ୍ୟ ପ୍ରଦାନ କରିଥାଏ ।

***ଡେସ ପ୍ୟାଚ୍*** ହେଉଛି ଲିଜ୍ ହୋଇଥିବା ସ୍ଥାନରୁ ଖଣିଜ ପଦାର୍ଥ କିମ୍ବା ଖଣିଜ ଦ୍ରବ୍ୟର ଅପସାରଣ ।

***ଜିଲ୍ଲା ମିନେରାଲ ଫାଉଣ୍ଡେସନ୍ ଟ୍ରଷ୍ଟ*** ଏକ ଟ୍ରଷ୍ଟ ଯାହା ରାଜ୍ୟ ସରକାର ଦ୍ୱାରା ସୂଚିତ ଏମ୍ଏମ୍‌ଡିଆର୍ ସଂଶୋଧନ ଅଧିନିୟମ 2015ର ଧାରା 9 ବି ଅନୁଯାୟୀ ଖଣି ସମ୍ବନ୍ଧୀୟ କାର୍ଯ୍ୟ ଦ୍ୱାରା ପ୍ରଭାବିତ କ୍ଷେତ୍ରଗୁଡିକର ବ୍ୟକ୍ତି ବିଶେଷଙ୍କ ସ୍ୱାର୍ଥ ଏବଂ ଲାଭ ପାଇଁ କାର୍ଯ୍ୟ କରିବାର ଉଦ୍ଦେଶ୍ୟରେ ଧାର୍ଯ୍ୟ କରାଯାଇଛି ।

**(E)** ***ପୂର୍ବ ଖଣି ମୂଲ୍ୟ*** ଲିଜଧାରୀଙ୍କ ଦ୍ୱାରା ଆଇବିଏମ୍ ଏବଂ ରାଜ୍ୟ ସରକାରଙ୍କୁ ରିପୋର୍ଟ ହୋଇଥିବା ଖଣି ମୁଣ୍ଡରେ ଖଣିଜ ପଦାର୍ଥର ବିକ୍ରୟ ମୂଲ୍ୟ ।

**(F)** ***ଚଟାଣ ମୂଲ୍ୟ*** ହେଉଛି ଖଣିଜ ବ୍ଲକଗୁଡିକର ଦ୍ୱିତୀୟ ରାଉଣ୍ଡ ଅନ୍‌ଲାଇନ ଇଲେକ୍ଟ୍ରୋନିକ ନିଲାମ ପାଇଁ ପ୍ରଥମ ରାଉଣ୍ଡ ନିଲାମରେ ବୈଷୟିକ ଯୋଗ୍ୟ ବିଡରଙ୍କ ମଧ୍ୟରେ ହୋଇଥିବା ସର୍ବାଧିକ ପ୍ରାରମ୍ଭିକ ମୂଲ୍ୟ ଅଫର ।

**(G)** ***G4 (ପ୍ରାଥମିକ ସର୍ବେକ୍ଷଣ)*** ରେ ରିମୋଟ ସେନ୍ସିଂ, ବାୟୁବାହୀ ଜିଓଫିଜିକାଲ୍ ସର୍ବେକ୍ଷଣ, ମ୍ୟାପିଂ, ପଥରଗୁଡ଼ିକର ଚିପ୍ ନମୁନା, ଗ୍ରାଉଣ୍ଡ ଜିଓଫିଜିକାଲ୍ ସର୍ବେକ୍ଷଣ, ଟ୍ରେଞ୍ଚିଂ/ ପିଟିଂ/ ଡ୍ରିଲିଂ, ମୁଖ୍ୟ ପଥରର ପ୍ରକାର ନିର୍ଣ୍ଣୟ, ଖଣିଜ ସମାବେଶ, ଖଣିଜ ପଦାର୍ଥର ଚିହ୍ନଟ ଏବଂ ଉପଲବ୍ଧ ସମସ୍ତ ତଥ୍ୟର ଅନ୍ତର୍ଭୁକ୍ତ ।

***ଗୋଚର ଜମି ହେଉଛି ଗୋରୁ ଚରାଇବା ପାଇଁ ସଂରକ୍ଷିତ ଜମି ।***

***ଜିପିଏସ୍ ସର୍ଭେ*** ହେଉଛି ପାର୍ବତ୍ୟ ଦୃଶ୍ୟଠାରୁ ଆରମ୍ଭ କରି ସହର ଆକାଶ ମାର୍ଗ ପର୍ଯ୍ୟନ୍ତ ଭୌତିକ ଜଗତକୁ ମ୍ୟାପିଂ ଏବଂ ମଡେଲିଂ କରିବାର ଏକ ଶୀଘ୍ର ଏବଂ ସଠିକ୍ ଉପାୟ ।

**(H)** ***ଉଚ୍ଚ ସ୍ତରୀୟ କମିଟି:*** ଓଡ଼ିଶାରେ ମୁଖ୍ୟ ଖଣିଜ ସମ୍ପଦର ରିହାତିର ନିଲାମ ପ୍ରକ୍ରିୟାକୁ ସୁବ୍ୟବସ୍ଥା କରିବା ପାଇଁ, ଇସ୍ପାତ ଓ ଖଣି ବିଭାଗର ଉନ୍ନୟନ କମିଶନର ତଥା ସହ ମୁଖ୍ୟ ସଚିବ ଅଧକ୍ଷତାରେ ଇସ୍ପାତ ଏବଂ ଖଣି ବିଭାଗ, ଶିଳ୍ପ ବିଭାଗ, ଓଆର୍ଏସ୍ଏସି ଏବଂ ଓଏମ୍‌ସିର ପ୍ରତିନିଧିଙ୍କୁ ନେଇ **22** ଜୁନ୍ **2015** ର ବିଜ୍ଞପ୍ତି ଦ୍ୱାରା ଉଚ୍ଚସ୍ତରୀୟ କମିଟି ଗଠିତ ହୋଇଥିଲା ।

**(I)** **ଆଇ3ଏମ୍ଏସ୍** ହେଉଛି ଏକ କମ୍ପ୍ୟୁଟରୀକରଣ ପ୍ରଣାଳୀ ଯାହାକି ଇଣ୍ଟିଗ୍ରେଟେଡ୍ ମାଇନ୍ସ ଏବଂ ମିନେରାଲ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇ3ଏମ୍ଏସ୍) ଅଟେ, ଯାହା ସମସ୍ତ ଖଣି ଜାତୀୟ କାରବାରକୁ ଗ୍ରହଣ କରିବାର ଉଦ୍ଦେଶ୍ୟ ସହିତ ଖଣି ଲିଜ୍‌ଧାରୀ ଏବଂ ଲାଇସେନ୍ସପ୍ରାପ୍ତ ବ୍ୟକ୍ତିଙ୍କ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଇସ୍ପାତ୍ ଏବଂ ଖଣି ବିଭାଗ ଦ୍ୱାରା ଗ୍ରହଣ କରାଯାଇଛି ।

***ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ୍)*** ଖଣି ମନ୍ତ୍ରଣାଳୟ ଅଧିନରେ, କୋଇଲା, ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍, ପରମାଣୁ ଖଣିଜ ପଦାର୍ଥ ଏବଂ କ୍ଷୁଦ୍ର ଖଣିଜ ପଦାର୍ଥ ବ୍ୟତୀତ ସଂରକ୍ଷଣ, ଖଣିଜ ସମ୍ପଦର ବୈଜ୍ଞାନିକ ବିକାଶ ତଥା ଖଣିରେ ପରିବେଶର ସୁରକ୍ଷା କାର୍ଯ୍ୟରେ ନିୟୋଜିତ ପାଇଁ ପ୍ରତିଷ୍ଠା ହୋଇଅଛି । ଆଇବିଏମ୍‌ର କାର୍ଯ୍ୟଗୁଡ଼ିକ ହେଉଛି ଖଣି ଯାଞ୍ଚ, ଭୌଗୋଳିକ

ଅଧ୍ୟୟନ, ଖଣି ଯୋଜନା ଏବଂ ଖଣି ପରିକଳ୍ପନା ଗୁଡ଼ିକର ଯାଞ୍ଚ ଏବଂ ଅନୁମୋଦନ, ପରିବେଶ ଅଧ୍ୟୟନ ଏବଂ ପରିବେଶ ସମ୍ବନ୍ଧୀୟ କାର୍ଯ୍ୟକଳାପ, ନିମ୍ନ ଶ୍ରେଣୀ ଖଣି ଗୁଡ଼ିକର ନବୀକରଣ ପାଇଁ ପ୍ରଯୁକ୍ତି ବିଦ୍ୟା ଏବଂ ଉପାୟ ଚିହ୍ନଟ କରି ଖଣିଜ ସମ୍ପଦର ସଂରକ୍ଷଣକୁ ପ୍ରୋତ୍ସାହିତ କରିବା, ସେମାନଙ୍କର ଉପଯୋଗ, ଖଣି ଏବଂ ହିତାଧିକାରୀ ପ୍ରକଳ୍ପ ପାଇଁ ସମ୍ଭାବ୍ୟତା ରିପୋର୍ଟ ପ୍ରସ୍ତୁତି, ଖଣିଜ ମାନଚିତ୍ରରେ ପ୍ରସ୍ତୁତି ଏବଂ ଖଣିଜ ସମ୍ପଦର ଜାତୀୟ ଖଣିଜ ପଦାର୍ଥ ଖଣିଜ ଶିଳ୍ପକୁ ବୈଷୟିକ ପରାମର୍ଶ ସେବା ଯୋଗାଇବା ଏବଂ ଖଣି ଏବଂ ଖଣିଜ ପଦାର୍ଥ ପାଇଁ ଡାଟା ବ୍ୟାଙ୍କ୍ ଭାବରେ କାର୍ଯ୍ୟ କରିବା ଏବଂ ବୈଷୟିକ ଏବଂ ପରିସଂଖ୍ୟାନ ପ୍ରକାଶନ ପ୍ରସ୍ତୁତି କରିବା।

***ଅସ୍ଥାବର ସମ୍ପତ୍ତି,*** ପଞ୍ଜିକରଣ ଅଧିନିୟମ, 1908 ର ଧାରା 2(6) ଅନୁସାରେ କାଠ, ଫସଲ କିମ୍ବା ଘାସ ବ୍ୟତୀତ ଜମି, କୋଠା, ବଂଶାନୁକ୍ରମିକ ଭତ୍ତା, ଉପାୟର ଅଧିକାର, ଆଲୋକ, ଘାଟ, ମତ୍ସ୍ୟ ଚାଷ କିମ୍ବା ଜମିରୁ ଉତ୍ପନ୍ନ ଅନ୍ୟ କୌଣସି ଲାଭ, ପୃଥିବୀ ସହିତ ସଂଲଗ୍ନ ହୋଇଥିବା, କିମ୍ବା ଯାହା କିଛି ସହିତ ସ୍ଥାୟୀ ଭାବରେ ଜଡ଼ିତ ହୋଇଥିବା ଅସ୍ଥାବର ସମ୍ପତ୍ତିର ତାଲିକା ଉପ-ଜିଲ୍ଲାପାଳ (ରାଜସ୍ୱ ପ୍ରାଧିକାରୀ) ଦ୍ୱାରା ଜାରି କରାଯାଇଛି ।

***ପ୍ରାରମ୍ଭିକ ମୂଲ୍ୟ ଅଫର*** ହେଉଛି କୌଣସି ଖଣିଜ ବ୍ଲକଗୁଡ଼ିକର ପ୍ରଥମ ରାଉଣ୍ଡ ନିଲାମ ସମୟରେ ବିଡରଙ୍କ ଦ୍ୱାରା ଉଦ୍ଧୃତ ଓ ପଠାଯାଇଥିବା ଖଣିଜ ପଦାର୍ଥ ମୂଲ୍ୟର ଶତକଡ଼ା ମୂଲ୍ୟ ।

***ଆନ୍ତ ବିଭାଗୀୟ କମିଟି*** ଖଣି ଲିଜ୍ ସମ୍ପ୍ରସାରଣ ପ୍ରସ୍ତାବ ପ୍ରକ୍ରିୟାକୁ ଯାଞ୍ଚ କରି ସୁବ୍ୟବସ୍ଥା କରିବା ପାଇଁ ଇସ୍ପାତ୍ ଓ ଖଣି ବିଭାଗର ଉନ୍ନୟନ କମିଶନର ତଥା ସହମୁଖ୍ୟ ସଚିବ ଅଧକ୍ଷତାରେ ଇସ୍ପାତ୍ ଏବଂ ଖଣି ବିଭାଗ, ଜଙ୍ଗଲ ଏବଂ ପରିବେଶ ବିଭାଗ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ, ଆଇନ୍ ବିଭାଗର ପ୍ରତିନିଧିଙ୍କୁ ନେଇ 19 ମାର୍ଚ୍ଚ 2015 ର ବିଜ୍ଞପ୍ତି ଦ୍ୱାରା ଆନ୍ତବିଭାଗୀୟ କମିଟି ଗଠିତ ହୋଇଥିଲା ।

**(K)** ***କିସମର ଅର୍ଥ*** ହେଉଛି ଜମିର ବିଭିନ୍ନ ଶ୍ରେଣୀକରଣ ଯଥା ଗୋଚର (ଗୋରୁଚରିବା ଜମି), ଜଳାଶୟ ଇତ୍ୟାଦି ।

**(L)** ***ଲିଜ୍ କ୍ଷେତ୍ର*** ହେଉଛି ନିର୍ଦ୍ଦିଷ୍ଟ କ୍ଷେତ୍ର ଯେଉଁଠାରେ ଖଣି ଲିଜରେ ଖଣି କାର୍ଯ୍ୟ କରାଯାଇପାରିବ, ଅଣ-ଖଣିଜ ପଦାର୍ଥ ଆବଶ୍ୟକ ଏବଂ ଖଣି ପରିଭାଷା ଅନୁଯାୟୀ କାର୍ଯ୍ୟକଳାପ ପାଇଁ ଅନୁମୋଦିତ ।

***ଉଦ୍ଦେଶ୍ୟ ପତ୍ର*** ହେଉଛି ରାଜ୍ୟ ସରକାରଙ୍କ ଦ୍ୱାରା ଖଣି ଲିଜ୍ ଅନୁଦାନ ପାଇଁ ଆବେଦନକାରୀଙ୍କୁ ଜାରୀ କରାଯାଇଥିବା ଏକ ଚିଠି । ଏହା ଆବେଦନକାରୀଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ଏବଂ ସର୍ତ୍ତ ପୂରଣ ଅନୁଯାୟୀ ଲିଜ୍ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କ ଇଚ୍ଛା ପ୍ରକଟ କରେ ।

***ଲମ୍ପସ*** ଗୁଡ଼ିକ ଖଣିରୁ ଉତ୍ତୋଳିତ ଆରଓଏମ୍ ଧାତୁର ଏକ ଅଂଶ ଅଟେ ଯାହାର ଆକାର 40 ମିମି ରୁ ଅଧିକ ।

**(M)** ***ଏମ୍ଏମ୍ଡିଆର୍ ଅଧିନିୟମ*** ହେଉଛି କେନ୍ଦ୍ର ଅଧିନରେ ଥିବା ଖଣି ଏବଂ ଖଣିଜ ପଦାର୍ଥର ବିକାଶ ତଥା ନିୟନ୍ତ୍ରଣ ପାଇଁ ଭାରତ ସରକାରଙ୍କ ଏକ ଅଧିନିୟମ ।

***ପ୍ରମୁଖ ଖଣିଜ ପଦାର୍ଥ*** ହେଉଛି ଏମ୍ଏମ୍ଡିଆର୍ ଅଧିନିୟମର ଦ୍ୱିତୀୟ ଅନୁସୂଚୀରେ ଉଲ୍ଲେଖ କରାଯାଇଥିବା ବକ୍ସାଇଟ୍, କ୍ରୋମାଇଟ୍, କୋଇଲା, ଲୁହା, ମାଙ୍ଗାନିଜ୍ ଇତ୍ୟାଦି ପରି ଖଣିଜ ପଦାର୍ଥ ।

***ଖଣି ବନ୍ଦ କରିବା*** ଖଣି କିମ୍ବା ପ୍ରକ୍ରିୟାକରଣ କାର୍ଯ୍ୟ ବନ୍ଦ କରିବା ପଦକ୍ଷେପ ଯାହାକି ପୁନରୁଦ୍ଧାର, ପୁନର୍ବାସ ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଅନ୍ତର୍ଭୁକ୍ତ ଅଟେ ।

***ଖଣି ବିକାଶ ଏବଂ ଉତ୍ତୋଳନ ଚୁକ୍ତି*** ହେଉଛି ଖଣି କାର୍ଯ୍ୟ ଆରମ୍ଭ ପାଇଁ ପ୍ରଯୁଜ୍ୟ ନିୟମ ଅନୁଯାୟୀ ଆବଶ୍ୟକ ସମସ୍ତ ସମ୍ମତି, ଅନୁମୋଦନ, ଅନୁମତି ବିନା କୌଣସି ଆପତ୍ତି ଏବଂ ଏହା ପାଇବା ପରେ ରାଜ୍ୟ ସରକାରଙ୍କ ସହ ସଫଳ ବିଡରଙ୍କ ଦ୍ୱାରା ସାକ୍ଷରିତ ଏକ ଚୁକ୍ତିନାମା ।

***ଖଣିଜ ପଦାର୍ଥ*** ହେଉଛି ସରକାରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ସମସ୍ତ ପ୍ରମୁଖ ଖଣିଜ ପଦାର୍ଥ ଏବଂ ନିର୍ଦ୍ଦିଷ୍ଟ ଲଘୁ ଖଣିଜ ପଦାର୍ଥର ଅନ୍ତର୍ଭୁକ୍ତ ।

***ଖଣିଜ ପଦାର୍ଥ ରିହାତି*** ଏକ ପ୍ରାଥମିକ ସର୍ବେକ୍ଷଣ ଅନୁମତି, ଅନୁସନ୍ଧାନ ଲାଇସେନ୍ସ, ଖଣି ଲିଜ୍ କମ୍ପୋଜିଟି ଲାଇସେନ୍ସ ଅଟେ ।

***ଖଣିଜ ପଦାର୍ଥ ସଂରକ୍ଷଣ*** ଏକ ମପା ଯାଇଥିବା ଅର୍ଥନୈତିକ ଏବଂ ସୂଚିତ ଖଣିଜ ଉତ୍ସର ଖଣିଜ ଅଂଶ ଅଟେ ।

***ଖଣି ଲିଜ୍ (ପ୍ରମୁଖ ଖଣିଜ ପଦାର୍ଥ)*** ହେଉଛି ଖଣି କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ଦିଆଯାଇଥିବା ଲିଜ୍ ଏବଂ ଏମ୍ଏମ୍ଡିଆର୍ ଅଧିନିୟମ, 1957 ଅନୁଯାୟୀ ବ୍ୟାଖ୍ୟା କରାଯାଇଥିବା ଉଦ୍ଦେଶ୍ୟରେ ଦିଆଯାଇଥିବା ସବ୍-ଲିଜ୍ ଅନ୍ତର୍ଭୁକ୍ତ ଅଟେ ।

***ଖଣି କାର୍ଯ୍ୟ*** କୌଣସି ଖଣିରୁ ଖଣିଜ ପଦାର୍ଥ ଉତ୍ତୋଳନ ଉଦ୍ଦେଶ୍ୟ ପାଇଁ ନିଆଯାଇଥିବା ଏକ କାର୍ଯ୍ୟ ଅଟେ ।

***ଖଣି ଯୋଜନା (ପ୍ରମୁଖ ଖଣିଜ ପଦାର୍ଥ)*** ହେଉଛି ଏମ୍ଏମ୍ଡିଆର୍ ଅଧିନିୟମ ଏବଂ ସେଥିରେ ନିୟମର ଧାରା 5 ଅନୁଯାୟୀ ପ୍ରସ୍ତୁତ ଏକ ଦସ୍ତାବିଜ । ଏହା ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ୍) ଠାରୁ ଅନୁମୋଦନ ପାଇବା ପରେ ଓ ଲିଜ୍ ପ୍ରଦାନ ପୂର୍ବରୁ ଲିଜ୍ଧାରୀଙ୍କ ଦ୍ୱାରା ଏହାକୁ ଦାଖଲ କରିବାକୁ ହୁଏ ।

***ଖଣି ଯୋଜନା (ନିର୍ଦ୍ଦିଷ୍ଟ ଲଘୁ ଖଣିଜ ପଦାର୍ଥ)*** ହେଉଛି ଗ୍ରାନାଇଟ୍ ସଂରକ୍ଷଣ ଏବଂ ବିକାଶ ନିୟମ, 1999 ଅଧୀନରେ ପ୍ରସ୍ତୁତ ଏକ ଖଣି ଯୋଜନା ଏବଂ ଅନ୍ୟ ସମସ୍ତ ଛୋଟ ଖଣିଜ ପଦାର୍ଥର ଅର୍ଥ ହେଉଛି ଏହି ନିୟମ (ଓଏମ୍ଏମ୍ସି ନିୟମ) ଅନୁଯାୟୀ ପ୍ରସ୍ତୁତ ଏକ ଖଣି ଯୋଜନା ।

***ଲଘୁ ଖଣିଜ ପଦାର୍ଥ*** ନିର୍ମାଣ ପଥର, କଙ୍କଣ, ସାଧାରଣ ମାଟି, ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ୟବହୃତ ବାଲି ଏବଂ ଅନ୍ୟ କୌଣସି ଖଣିଜ ପଦାର୍ଥ ଯାହା କେନ୍ଦ୍ର ସରକାରଙ୍କ ଅଫିସିଆଲ୍ ଗେଜେଟ୍ ବିଜ୍ଞପ୍ତିରେ ଏକ ଲଘୁ ଖଣିଜ ପଦାର୍ଥ ବୋଲି ଘୋଷଣା କରାଯାଇଥାଏ ।

***(N)*** ***ଜାତୀୟ ଖଣିଜ ଅନ୍ୱେଷଣ ଟ୍ରଷ୍ଟ*** ହେଉଛି କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ଅଣଲାଭକାରୀ ସଂସ୍ଥା, ଯାହା ଆଞ୍ଚଳିକ ଏବଂ ବିସ୍ତୃତ ଅନୁସନ୍ଧାନର ଉଦ୍ଦେଶ୍ୟ ପାଇଁ ପାଣ୍ଠି ବ୍ୟବହାର କରାଯାଇଥାଏ । ଯେଉଁଠାରେ ଖଣି ଲିଜ୍ଧାରକ ଏଥିରେ ଏକ ଖଣି ଲିଜ୍ କିମ୍ବା ଏକ ପ୍ରତ୍ୟାଶିତ ଲାଇସେନ୍ସ ତଥା ଟ୍ରଷ୍ଟକୁ ରୟାଲଟି ପ୍ରଦାନର ଦୁଇ ପ୍ରତିଶତ ସମାନ ଅର୍ଥ ପ୍ରଦାନ କରିବ ।

***ବିଜ୍ଞପ୍ତି ପ୍ରାପ୍ତ ଖଣିଜ ପଦାର୍ଥ*** ଗୁଡ଼ିକ ଏମ୍ଏମ୍ଡିଆର୍ ଅଧିନିୟମର ଚତୁର୍ଥ ସୂଚୀରେ (2015 ରେ ସଂଶୋଧିତ ହୋଇଛି) ଯଥା ବକ୍ସାଇଟ୍, ଲୁହାପଥର, ଚୂନପଥର ଏବଂ ମାଙ୍ଗାନିଜ ଖଣିରେ ନିର୍ଦ୍ଦିଷ୍ଟ କରାଯାଇଛି ।

***(O)*** ***ଓଏମ୍ଏମ୍ସି ନିୟମ*** ହେଉଛି ଲଘୁ ଖଣିଜ ପଦାର୍ଥର ଖଣିଜ ରିହାତି ଅନୁଦାନକୁ ନିୟନ୍ତ୍ରଣ କରିବା ପାଇଁ ଏମ୍ଏମ୍ଡିଆର୍ ଅଧିନିୟମ, 1957 ର ଧାରା 15 ର ଉପଧାରା (1) ଦ୍ୱାରା ଦିଆଯାଇଥିବା କ୍ଷମତାକୁ ବ୍ୟବହାର କରି ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରସ୍ତୁତ ନିୟମ (ଓଡ଼ିଶା ଲଘୁ ଖଣିଜ ପଦାର୍ଥ ରିହାତି ନିୟମ 2016) ।

**(P)** ***ଉତ୍ପାଦନ*** ହେଉଛି ଖଣିଜ ପଦାର୍ଥର ପ୍ରକ୍ରିୟାକରଣ କିମ୍ବା ପ୍ରେକ୍ଷଣ ଉଦ୍ଦେଶ୍ୟରେ ଲିଜ୍ ହୋଇଥିବା ଅଞ୍ଚଳରେ ଖଣିଜ ପଦାର୍ଥର ଉତ୍ତୋଳନ କରିବା ।

***ସର୍ବେକ୍ଷଣ ଲାଇସେନ୍ସ-ତଥା-ଖଣି ଲିଜ୍*** ଏକ ଦୁଇ-ପର୍ଯ୍ୟାୟ ରିହାତି ଅଟେ ଯାହା ଖଣି କାର୍ଯ୍ୟ ଦ୍ୱାରା ଅନୁସନ୍ଧାନ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି ।

**(Q)** ***ଖାଦାନ ଲିଜ୍*** ହେଉଛି ଏକ ଲିଜ୍ ଯାହାକି ଏକ କମ୍ପାକ୍ଟ ଏରିଆ ଉପରେ କାର୍ଯ୍ୟକାଳ ଆଧାରରେ ନିର୍ଦ୍ଦିଷ୍ଟ ଲଘୁ ଖଣିଜ ପଦାର୍ଥ ବ୍ୟତୀତ, ଲଘୁ ଖଣିଜ ପଦାର୍ଥର ଉତ୍ତୋଳନ ଏବଂ ଅପସାରଣ, ସଂଗ୍ରହ ନିମିତ୍ତ ।

**(R)** ***ସଂଶୋଧନ ପ୍ରାଧିକାରୀ*** ହେଉଛନ୍ତି କେନ୍ଦ୍ର ସରକାରଙ୍କ ଏକ କର୍ତ୍ତୃପକ୍ଷ ଯାହା ପ୍ରମୁଖ ଖଣିଜ ପଦାର୍ଥ ଉପରେ ରାଜ୍ୟ ସରକାରଙ୍କ କୌଣସି ଆଦେଶକୁ ସଂଶୋଧନ କରିବାକୁ କ୍ଷମତାପ୍ରାପ୍ତ । କେନ୍ଦ୍ର ସରକାରଙ୍କ ସଂଶୋଧନ କ୍ଷମତା ଯୁଗ୍ମ ସଚିବ/ ନିର୍ଦ୍ଦେଶକ / ଖଣି ମନ୍ତ୍ରଣାଳୟର ଉପ-ସଚିବଙ୍କୁ ଦିଆଯାଇଛି ଏବଂ ନିଯୁକ୍ତ ଅଧିକାରୀମାନେ ଏମ୍‌ସିଆର୍ 1960 ର ନିୟମ 54 ଅନୁଯାୟୀ ସଂଶୋଧନ ଆବେଦନଗୁଡ଼ିକୁ ଫଏସଲା କରିବା ପାଇଁ ସଂଶୋଧନ ପ୍ରାଧିକରଣ ଭାବରେ କାର୍ଯ୍ୟ କରନ୍ତି ।

***ରୟାଲଟି*** ହେଉଛି ଏମ୍‌ଏମ୍‌ଡିଆର୍ ଅଧିନିୟମ ଦ୍ୱିତୀୟ କାର୍ଯ୍ୟସୂଚୀରେ ଉଲ୍ଲେଖିତ ନିର୍ଦ୍ଦିଷ୍ଟ ହାରରେ ଏକ ଖଣିଜ ଦେୟ ଯାହା ଖଣି ଲିଜ୍‌ଧାରୀଙ୍କ ଦ୍ୱାରା ଖଣିଜ ପଦାର୍ଥର ଅପସାରିତ କିମ୍ବା ବ୍ୟବହାର ହୋଇଥିବା ଖଣିଜ ପଦାର୍ଥ ଉପରେ ଦେବେ ।

***ରନ୍ ଅଫ୍ ମାଇନ୍ସ*** ହେଉଛି ମାଟି, ଭାରପ୍ରାପ୍ତ ଏବଂ ଅପରିଷ୍କାର ଓ ଅଣ-ପ୍ରକ୍ରିୟାକୃତ ଖଣିଜ ପଦାର୍ଥ ।

**(S)** ***ସ୍କ୍ରିନିଂ କମିଟି*** 06 ମଇ 2016 ଏବଂ 01 ଅଗଷ୍ଟ 2016 ରେ ପୁନଃ ଗଠିତ ବିଜ୍ଞପ୍ତି ଅନୁଯାୟୀ ଏମ୍‌ଏମ୍‌ଡିଆର୍ ଅଧିନିୟମର ଧାରା 10A(2)(b) ଏବଂ 10A(2)(c) ଅନୁଯାୟୀ ଖଣି ଲିଜ୍ ଅନୁଦାନ ପାଇଁ ଗ୍ରହଣ କରାଯାଇଥିବା ଆବେଦନ ଯାଞ୍ଚ କରିବା ପାଇଁ ଖଣି ନିର୍ଦ୍ଦେଶକ ଅଧକ୍ଷତାରେ ଆଇବିଏମ୍‌ର ଆଞ୍ଚଳିକ ଖଣି ନିୟନ୍ତ୍ରକ, ଡେପୁଟି ଡାଇରେକ୍ଟର ଜେନେରାଲ ଜିଏସ୍‌ଇଙ୍କୁ ନେଇ କମିଟି ଗଠିତ ।

***ନିର୍ଦ୍ଦିଷ୍ଟ ଲଘୁ ଖଣିଜ ପଦାର୍ଥ*** ଭାରତ ସରକାରଙ୍କ ଦ୍ୱାରା ସୂଚିତ କରାଯାଇଥିବା ଏବଂ ଇସ୍ପାତ୍ ଏବଂ ଖଣି ବିଭାଗ ଦ୍ୱାରା ପରିଚାଳିତ ନିର୍ଦ୍ଦିଷ୍ଟ କ୍ଷୁଦ୍ର ଖଣିଜ ପଦାର୍ଥ ହେଉଛି ଖଣିଜ ପଦାର୍ଥ ବ୍ୟତୀତ ସାଜସଜ୍ଜା ପଥର ସହିତ ଅନ୍ୟ ଖଣିଜ ପଦାର୍ଥ ।

***ସର୍ଫେସ୍ ରେଣ୍ଟ*** ହେଉଛି ଲିଜ୍‌ଧାରୀଙ୍କ ଦ୍ୱାରା ଖଣି କାର୍ଯ୍ୟ ପାଇଁ ବ୍ୟବହୃତ, ଭୂପୃଷ୍ଠ କ୍ଷେତ୍ର ପାଇଁ ଧାର୍ଯ୍ୟ ହାରରେ ପ୍ରଦତ୍ତ ଭଡ଼ା ।

**(T)** ***ତହସିଲଦାର*** ତହସିଲରେ ସ୍ଥାନୀୟ ପ୍ରଶାସନ ପାଇଁ ସରକାରଙ୍କ ଦ୍ୱାରା ନିଯୁକ୍ତ ଅଧିକାରୀ ଏବଂ ଅତିରିକ୍ତ ତହସିଲଦାର ଅନ୍ତର୍ଭୁକ୍ତ ।

***ବାଣିଜ୍ୟ ଲାଇସେନ୍ସ*** ଯେକୌଣସି ବ୍ୟକ୍ତିଙ୍କୁ କୌଣସି ଖଣିଜ ପଦାର୍ଥ ବିକ୍ରୟ ପରିବହନ ସଂରକ୍ଷଣ କିମ୍ବା ଅନ୍ୟ ଗମନାଗମନ ପାସ୍ ସହିତ କାରବାର କରିବାକୁ ଦକ୍ଷ ଅଧିକାରୀଙ୍କ ଦ୍ୱାରା ଜାରି କରାଯାଇଥିବା ଏକ ଲାଇସେନ୍ସ ଅଟେ ।

***ଟ୍ରାନ୍‌ଜିଟ୍ ପାସ୍*** ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଓଏମ୍‌ଏମ୍‌ସି ନିୟମ, 2016 ନିୟମ 58 (2) ଖଣି ନିର୍ଦ୍ଦେଶକଙ୍କ ଦ୍ୱାରା ସ୍ଥିର କରାଯାଇଥିବା ମୂଲ୍ୟର ଦେୟ ପରେ ଦକ୍ଷ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯୋଗାଇ ଥିବା ସରକାରୀ ପ୍ରେସରେ ମୁଦ୍ରିତ ଏବଂ ମେସିନ୍‌ଯୁକ୍ତ ଫର୍ମ ଯାହା ଦକ୍ଷ କର୍ତ୍ତୃପକ୍ଷଙ୍କ ଦ୍ୱାରା

ଯୋଗାଇଥିବା ସରକାରୀ ପ୍ରେସରେ ମୁଦ୍ରିତ ଏବଂ ମେସିନ୍ ନମ୍ବର ଯୁକ୍ତ ଫର୍ମ ଯାହା ଦକ୍ଷ କର୍ତ୍ତୃପକ୍ଷଙ୍କ ଅନୁମତିରେ ଖଣିଜ ପଦାର୍ଥ ପରିବହନକୁ ଅନୁମତି ପ୍ରଦାନ କରାଯାଇଥାଏ ।

***(U)*** ***ଅମ୍ପାୟାର ନମୁନା*** ଖଣିଜ ପଦାର୍ଥ ପ୍ରେଷଣ ପାଇଁ ଅନୁମତି ଦେବା ପୂର୍ବରୁ ଖଣି କର୍ତ୍ତୃପକ୍ଷଙ୍କ ଦ୍ୱାରା ଲିଜ୍‌ଧାରୀଙ୍କ ଉପସ୍ଥିତିରେ ବାହାର କରାଯାଇଥିବା ନମୁନାର ଏକ ଅଂଶ । ଏହା ମିଳିତ ସିଲ୍ ଏବଂ ଖଣି ମାଲିକଙ୍କ ଦସ୍ତଖତରେ ଖଣି ଅଧିକାରୀ କିମ୍ବା ଉପ-ନିର୍ଦ୍ଦେଶକଙ୍କ ପାଖରେ ରଖାଯାଏ । ନମୁନାର ପ୍ରଥମ ଭାଗରେ ରିପୋର୍ଟ ରାସାୟନିକ ବିଶ୍ଳେଷଣର ଫଳାଫଳକୁ ନେଇ ବିବାଦ ହେଲେ ଶ୍ରେଣୀ ନିଶ୍ଚିତ କରିବା ପାଇଁ ଲିଜଧାରୀ ଉପସ୍ଥିତିରେ ବିଶ୍ଳେଷଣ ସରକାରୀ ପ୍ରୟୋଗଶାଳାରେ କରାଯାଇଥାଏ ।

# କାର୍ଯ୍ୟନିର୍ବାହୀ ସାରାଂଶ

ପ୍ରମୁଖ ଏବଂ ଲଘୁ ଖଣିଜ ପଦାର୍ଥ ଖନନରୁ ପ୍ରାପ୍ତ ରାଜସ୍ୱ, ରାଜ୍ୟର ଅଣ-ଟିକସ ରାଜସ୍ୱର ଏକ ମୁଖ୍ୟ ଉତ୍ସ ଅଟେ । ରାଜ୍ୟରେ ପ୍ରମୁଖ ଖଣିଜ ପଦାର୍ଥ ଏବଂ ନିର୍ଦ୍ଦିଷ୍ଟ ଲଘୁ ଖଣିଜ ପଦାର୍ଥର ନିୟନ୍ତ୍ରଣ ପାଇଁ ଇସ୍ପାତ ଓ ଖଣି ବିଭାଗ ଦାୟୀ ଅଟେ । ଖଣିଗୁଡ଼ିକର ନିୟମାବଳୀ ଏବଂ ପ୍ରମୁଖ ଖଣିଜ ରାଜସ୍ୱର ଆକଳନ ଓ ସଂଗ୍ରହ, ମୁଖ୍ୟତଃ ଖଣି ଓ ଖଣିଜ ପର୍ଦାଥ (ବିକାଶ ଏବଂ ନିୟମାବଳୀ) ଅଧିନିୟମ, 1957 ଦ୍ୱାରା ପରିଚାଳିତ ।

ଅନୁମୋଦନ ପାଇଁ ପୂର୍ବରୁ ପ୍ରଚଳିତ ଥିବା ପ୍ରଥମ-ଆସୁଥିବା-ପ୍ରଥମ-ଅଗ୍ରାଧିକାର ବ୍ୟବସ୍ଥା/ ଦରଖାସ୍ତ ବ୍ୟବସ୍ଥା ସ୍ଥାନରେ, 12 ଜାନୁଆରୀ 2015 ରେ ଲାଗୁ ହୋଇଥିବା ଏମ୍‌ଏମ୍‌ଡିଆର୍ ସଂଶୋଧିତ ଅଧିନିୟମ, 2015, ପ୍ରତିଯୋଗୀ ନିଲାମ ପ୍ରକ୍ରିୟାକୁ ସ୍ଥାନ ଦେଇଥିଲା । ଖଣିଜ ବ୍ଲକଗୁଡ଼ିକର ଅନୁମୋଦନ ପାଇଁ ଇ-ନିଲାମ ପ୍ରକ୍ରିୟା ଖଣିଜ (ନିଲାମ) ନିୟମ, 2015ରେ ବ୍ୟବସ୍ଥା କରାଯାଇଅଛି । ଏହି ନିଲାମ ବ୍ୟବସ୍ଥା, ଅତିରିକ୍ତ ପରିମାଣ (କିମ୍ବା ପ୍ରିମିୟମ), ରୟାଲଟି ସହ, ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ପାଇଁ ରୟାଲଟିର 10 ପ୍ରତିଶତ ଓ ଜାତୀୟ ଖଣିଜ ଅନୁସନ୍ଧାନ ଟ୍ରଷ୍ଟ (ଏନ୍‌ଏମ୍‌ଇଟି) ପାଇଁ ରୟାଲଟିର ଦୁଇ ପ୍ରତିଶତ ଆକାରରେ ଖଣିଜ ସମ୍ପଦ ମୂଲ୍ୟର ବର୍ଦ୍ଧିତ ଅଂଶ ପାଇବାକୁ ସୁଯୋଗ ଦେଇଥାଏ । ବିଦ୍ୟମାନ ଥିବା ସ୍ୱ-ବିନିଯୋଗ ଖଣିକୁ ମାରର୍ଚ 2030 ପର୍ଯ୍ୟନ୍ତ ଓ ଅନ୍ୟ ଖଣିଗୁଡ଼ିକୁ ମାର୍ଚ୍ଚ 2020 ପର୍ଯ୍ୟନ୍ତ ଲିଜ୍ ମିଆଦ ବୃଦ୍ଧି ପାଇଁ ବ୍ୟବସ୍ଥା ମଧ ଅନ୍ତର୍ଭୁକ୍ତ କରାଯାଇଥିଲା ।

ଅଗଷ୍ଟ 2021 ରୁ ସେପ୍ଟେମ୍ବର 2022 ମଧରେ "ପ୍ରମୁଖ ଖଣିଜ ପଦାର୍ଥ ରାଜସ୍ୱର ଆକଳନ ଓ ଆଦାୟର ପ୍ରକ୍ରିୟା ଏବଂ ନିୟନ୍ତ୍ରଣ" ଉପରେ ଏହି ସମ୍ପାଦନ ସମୀକ୍ଷା ପରିଚାଳନା କରାଯାଇଥିଲା । ଖଣିଜ ପଦାର୍ଥର ଉତ୍ତୋଳନ ପାଇଁ ଖଣି ଲିଜ୍ / ପରମିଟ୍/ ଲାଇସେନ୍ସର ମିଆଦ ବୃଦ୍ଧି ଓ ଅନୁମୋଦନ, ଲିଜଧାରୀଙ୍କ ଦ୍ୱାରା ଖଣିଜ ପଦାର୍ଥର ପ୍ରେରଣ ଓ ବିକ୍ରି ରିପୋର୍ଟ, ନିୟମ ଓ ଅନ୍ୟାନ୍ୟ ବ୍ୟବସ୍ଥା ଅନୁଯାୟୀ ଖଣି କାର୍ଯ୍ୟକଳାପର ନିୟନ୍ତ୍ରଣ, ଖଣି ରାଜସ୍ୱର ଆକଳନ ଓ ଆଦାୟ ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଓ ପର୍ଯ୍ୟାଲୋଚନାର ପ୍ରଭାବକୁ ଧାନରେ ରଖି ଏହି ସମ୍ପାଦନ ସମୀକ୍ଷାରେ 2015-22 ଅବଧିକୁ ଅନ୍ତର୍ଭୁକ୍ତ କରାଯାଇଥିଲା ।

ଏହି ସମୀକ୍ଷା ସମୟରେ, ରାଜ୍ୟ ସରକାରଙ୍କ ଦ୍ୱାରା ନୀତିଗୁଡ଼ିକର କାର୍ଯ୍ୟକାରିତା ଏବଂ ପର୍ଯ୍ୟାଲୋଚନା ଯୋଗୁଁ ଲକ୍ଷ୍ୟ କରାଯାଇଥିବା ପ୍ରମୁଖ ପ୍ରସଙ୍ଗ ଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଯାଇଅଛି । ସମୀକ୍ଷା ସିଦ୍ଧାନ୍ତରେ ଜଡ଼ିତ ଅର୍ଥ 22,392.51 କୋଟି ଟଙ୍କା ।

## 1. ଖଣି ଲିଜର ଅନୁମୋଦନ/ ମିଆଦ ବୃଦ୍ଧି

ବୈଧାନିକ ବ୍ୟବସ୍ଥା ଓ ନିୟମଗୁଡ଼ିକୁ ଉଲ୍ଲଂଘନ କରି ଅନିୟମିତ ଭାବେ ଲିଜ୍ ପ୍ରଦାନ ଏବଂ ବିଦ୍ୟମାନ ଲିଜ୍ ମିଆଦ ବୃଦ୍ଧି ଭଳି ଅନେକ ମାମଲା ଥିଲା । ଏହା ଯୋଗୁଁ ଏହି ଖଣିଗୁଡ଼ିକର ନିଲାମ ହୋଇପାରି ନଥିଲା ଏବଂ ଏହି ସମୟରେ ପ୍ରିମିୟମ/ ଅତିରିକ୍ତ ରାଶି ଆକାରରେ ରାଜ୍ୟ ସରକାର ଅତିରିକ୍ତ ରାଜସ୍ୱରୁ ବଞ୍ଚିତ ହେଲେ ।

## 2. ଖଣିଜ ପଦାର୍ଥର ପ୍ରେରଣ ଓ ବିକ୍ରିର ବିବରଣ

ଲିଜ୍ ଅଞ୍ଚଳରୁ ପ୍ରେରଣ କରାଯାଇଥିବା ବିଭିନ୍ନ ଶ୍ରେଣୀର ଲୁହାପଥର ଖଣ୍ଡ ଓ ଗୁଣ୍ଡ ଉପରେ ଲିଜଧାରୀ ଦେବାକୁ ଥିବା ରୟାଲଟି, ସଂପୃକ୍ତ ଗ୍ରେଡ୍ ଆକାର ଓ ବର୍ଗ ପାଇଁ ବିଜ୍ଞାପିତ ହୋଇଥିବା ହାରାହାରି ବିକ୍ରୟ ମୂଲ୍ୟର ଏକ ନିର୍ଦ୍ଦିଷ୍ଟ ପ୍ରତିଶତରେ ହିସାବ ହୁଏ । ତେଣୁ ସରକାରୀ ଖଣି ରାଜସ୍ୱକୁ ସୁରକ୍ଷିତ ରଖିବା ପାଇଁ, ଲିଜଧାରୀଙ୍କ ଦ୍ୱାରା ରିପୋର୍ଟ କରାଯାଇଥିବା ଏକ୍ସ-ମାଇନ୍ସ ମୂଲ୍ୟ, ଗ୍ରେଡ୍ ଏବଂ ଲୌହ ଖଣ୍ଡ ଓ ଗୁଣ୍ଡ ଭାବେ ଲୁହାପଥରର ବର୍ଗୀକରଣ ଉପରେ ରାଜ୍ୟ ସରକାର ନଜର ରଖିବା ନିତାନ୍ତ ଆବଶ୍ୟକ ।

## *2.1 ରିପୋର୍ଟ କରାଯାଇଥିବା ଲୁହାପଥର ଗ୍ରେଡରେ ହ୍ରାସ*

ଖଣି ନିଲାମ ପରେ ଏହା ଦେଖାଗଲା ଯେ ନମୁନା ଯାଞ୍ଚ ଖଣି କ୍ଷେତ୍ରରେ, ନୂତନ ଲିଜଧାରୀଙ୍କ ରିପୋର୍ଟ ଅନୁସାରେ, ଲୁହାପଥର ଗ୍ରେଡ୍ ଏବଂ ଏହାର ବର୍ଗୀକରଣରେ ଆକସ୍ମିକ ଓ ଅସ୍ୱାଭାବିକ ହ୍ରାସ ଘଟିଥିଲା । ଯଦିଓ ନିଲାମ ପୂର୍ବରୁ 62-65% ଲୌହ ଶ୍ରେଣୀ ଉତ୍ପାଦନ 83 ପ୍ରତିଶତରୁ ଅଧିକା ଥିବା ରିପୋର୍ଟ କରାଯାଇଥିଲା, ନିଲାମ ପରେ ଦୁଇ ବର୍ଷ (2020-22) ମଧ୍ୟରେ ଏହା ପ୍ରାୟ 16 ପ୍ରତିଶତକୁ ଖସି ଆସିଥିଲା । ସେହିପରି, ନିଲାମ ପରେ ଦୁଇ ବର୍ଷ (2020-22) ମଧ୍ୟରେ, 60% ଲୌହ ଶ୍ରେଣୀ ତଥା ତା'ଠାରୁ ନିମ୍ନ ଶ୍ରେଣୀ ମୋଟ ଉତ୍ତୋଳନରେ 11 ପ୍ରତିଶତରୁ ମୋଟ ଉତ୍ତୋଳନର 60 ପ୍ରତିଶତକୁ ବୃଦ୍ଧି ପାଇଥିଲା । ଲୁହା ଗୁଣ୍ଡ ଉତ୍ତୋଳନ କ୍ଷେତ୍ରରେ ମଧ୍ୟ ସେହିଭଳି ସମାନ ଧାରା ଲକ୍ଷ୍ୟ କରାଯାଇଥିଲା । ଯୋଡ଼ା ମଣ୍ଡଳ ଅନ୍ତର୍ଗତ ଗୋଟିଏ ଲୁହାପଥର ଖଣି କ୍ଷେତ୍ରରେ, 60% ଲୌହ ରୁ ଅଧିକ ଗ୍ରେଡ୍ ଉତ୍ତୋଳନ, ନିଲାମ ପୂର୍ବରୁ ପ୍ରାୟ 77 ପ୍ରତିଶତ ଥିଲା, ଯାହା ନୂତନ ଲିଜଧାରୀ ଖଣିକୁ ଚଳାଇବା ପରେ, ଏକ ବର୍ଷ (2020-21) ମଧ୍ୟରେ ମାତ୍ର 9.88 ପ୍ରତିଶତ ଏବଂ 2021-22 ଆର୍ଥିକ ବର୍ଷରେ ତାହା ଶୂନ ପ୍ରତିଶତକୁ ଖସି ଆସିଥିଲା ।

ଏହା ଅତ୍ୟନ୍ତ ଅସମ୍ଭବ ଯେ ନିଲାମ ହୋଇଥିବା ଖଣିରୁ ଉତ୍ତୋଳିତ ଖଣିଜର ଗ୍ରେଡ୍ ଏକ କିମ୍ବା ଦୁଇ ବର୍ଷ ମଧ୍ୟରେ ହଠାତ୍ ହ୍ରାସ ପାଇଯିବ । ଲୁହାପଥର ଗ୍ରେଡରେ ଏହିପରି ଏକ ମହତ୍ୱପୂର୍ଣ୍ଣ ଏବଂ ତୀବ୍ର ହ୍ରାସ, ଏକ ଗୁରୁତ୍ୱପୂର୍ଣ୍ଣ ବିପଦର ସଙ୍କେତ ଦେଉଅଛି ଯେ ଉଚ୍ଚ ଗ୍ରେଡ ଉପରେ ଅଧିକ ରୟାଲଟି ଏବଂ ପ୍ରିମିୟମକୁ ଏଡ଼ାଇବା ପାଇଁ ନୂତନ ଲିଜଧାରୀ ମାନେ ଉତ୍ତୋଳିତ ଲୁହାପଥର ଗ୍ରେଡର ଭୁଲ ରିପୋର୍ଟ ପ୍ରଦାନ କରୁଛନ୍ତି ।

ଛଅଟି ନମୁନା ଯାଞ୍ଚ ଖଣି କ୍ଷେତ୍ରରେ, ପୁରୁଣା ଲିଜଧାରୀଙ୍କ ରିପୋର୍ଟ ଅନୁଯାୟୀ, ଉତ୍ତୋଳନର କ୍ଷେତ୍ରରେ ସୁସଙ୍ଗତ ଢାଞ୍ଚା ତୁଳନାରେ, ନିଲାମ ପରେ ଉତ୍ତୋଳିତ ଲୁହ ଖଣ୍ଡ ଏବଂ ଗୁଣ୍ଡର ଗ୍ରେଡରେ ଆକାରରେ ପରିବର୍ତ୍ତନ ଯୋଗୁଁ 2020-21 ଏବଂ 2021-22 ବର୍ଷ ପାଇଁ କମ୍ ରୟାଲଟି ଏବଂ ପ୍ରିମିୟମ (ନିଲାମ ପରବର୍ତ୍ତୀ) ପ୍ରାୟ 4,162.77 କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି ।

## *2.2 ଲୁହାପଥରର ଗୁଣ୍ଡକୁ ସ୍କ୍ରିନ୍ ଫାଇନ୍ ଭାବରେ ଦର୍ଶାଯାଇଛି*

2010 ରେ ଜାରି ହୋଇଥିବା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଲୁହ ଖଣ୍ଡ ପାଇଁ ପ୍ରଯୁଜ୍ୟ ଦର ଚୂର୍ଣ୍ଣ ଗୁଣ୍ଡ ପାଇଁ ମଧ୍ୟ ଲାଗୁ କରାଯିବ । ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଖଣି ସର୍କଲଗୁଡ଼ିକ ଲୁହାଖଣ୍ଡ ସହିତ ସମାନ ଦରରେ "ଚୂର୍ଣ୍ଣ ଗୁଣ୍ଡ" ପାଇଁ ଅଧିକ ରୟାଲଟି ଆଦାୟ କରିଥିଲେ କିନ୍ତୁ "ସ୍କ୍ରିନଡ୍ ଫାଇନସ୍"ପାଇଁ କମ୍ ରୟାଲଟି ଆଦାୟ କରିଥିଲେ । ଏହି ପରିପ୍ରେକ୍ଷୀରେ ଅଡିଟ୍ 2010-11 ମସିହାରୁ ସ୍କ୍ରିନିଡ୍ ଫାଇନ୍ସ ଉତ୍ତୋଳନରେ ଅସ୍ୱାଭାବିକ ବୃଦ୍ଧି (କମ୍ ରୟାଲଟି ଥିବାରୁ) ଏବଂ ଚୂର୍ଣ୍ଣ ଗୁଣ୍ଡର ଉତ୍ତୋଳନରେ ହ୍ରାସ ଘଟିଥିବାର ଲକ୍ଷ୍ୟ କରିଥିଲା, ଯାହାକି ଅଧିକ ରୟାଲଟି ଏବଂ ପ୍ରିମିୟମ ଦେୟକୁ ଏଡ଼ାଇବା ପାଇଁ କ୍ରସର ମେସିନରେ ଆର୍ଓଏମ୍ ଲୌହ ଖଣ୍ଡ ପ୍ରକ୍ରିୟାକରଣରୁ ଉତ୍ତୋଳିତ "ଚୂର୍ଣ୍ଣ ହୋଇଥିବା ଗୁଣ୍ଡ" ର ଭୁଲ ତଥ୍ୟର ଏକ ବଡ଼ ବିପଦକୁ ଦର୍ଶାଉଥିଲା ।

2010 ପୂର୍ବର ଅବଧି ପାଇଁ ଉତ୍ତୋଳନ ତଥ୍ୟ ଉପଲବ୍ଧ ଥିବା 14 ଟି ଖଣି ମଧ୍ୟରୁ ସାତଟି ଖଣି ସ୍କ୍ରିନିଡ୍ ଫାଇନ୍ସ ଉତ୍ତୋଳନ ବିଷୟରେ ରିପୋର୍ଟ କରିନଥିବା ବେଳେ ତିନୋଟି ଖଣି ସାତ ପ୍ରତିଶତ, ଗୋଟିଏ ଖଣି 12 ପ୍ରତିଶତ ଏବଂ କେବଳ ତିନୋଟି ଖଣି 23 ରୁ 42 ପ୍ରତିଶତ କମ୍ ଉତ୍ତୋଳନ ଦର୍ଶାଇଥିଲେ । ଯାହାହେଉ, ଲିଜଧାରୀଙ୍କ ଦ୍ୱାରା ରିପୋର୍ଟ କରାଯାଇଥିବା ସମାନ ଖଣିରୁ ଉତ୍ତୋଳିତ ସ୍କ୍ରିନିଡ୍ ଫାଇନ୍ସର ଅନୁପାତ 2010-11 ଆର୍ଥିକ ବର୍ଷ ଠାରୁ ବୃଦ୍ଧି ପାଇଛି, ଯାହାକି ରାଜ୍ୟ ସରକାରଙ୍କ ଆଦେଶ ଜାରି ହୋଇଥିବା ବର୍ଷ ଅଟେ । 2021-22 ଆର୍ଥିକ ବର୍ଷ ସୁଦ୍ଧା, 12 ଟି ସକ୍ରିୟ ଖଣି ମଧ୍ୟରୁ 10 ଟି ଖଣି ମାମଲାରେ ସ୍କ୍ରିନଡ୍ ଫାଇନ୍ସର ଅନୁପାତ 60 ପ୍ରତିଶତରୁ 82 ପ୍ରତିଶତ, ଗୋଟିଏ ଖଣି ପାଇଁ 44 ପ୍ରତିଶତ ଏବଂ ଅନ୍ୟ ଏକ ଖଣି ପାଇଁ 27 ପ୍ରତିଶତ ରିପୋର୍ଟ କରାଯାଇଥିଲା । ଉଦାହରଣ ସ୍ୱରୂପ, ଯୋଡ଼ା ମଣ୍ଡଳ ଅନ୍ତର୍ଗତ ଗୋଟିଏ ଖଣିରେ ସ୍କ୍ରିନଡ୍ ଫାଇନ୍ସ ଉତ୍ତୋଳନର ଶତକଡ଼ା 2007-10 ମଧ୍ୟରେ ସାତ ପ୍ରତିଶତରୁ 2010-21 ମଧ୍ୟରେ 86 ପ୍ରତିଶତକୁ ବୃଦ୍ଧି ପାଇଛି ।

ତେଣୁ, 2010 ର ରାଜ୍ୟ ସରକାରଙ୍କ ଆଦେଶ ଜାରି ହେବା ପରେ, ଏହି ଆଦେଶ ପୂର୍ବରୁ ପ୍ରଚଳିତ ଚୂର୍ଣ୍ଣ ଏବଂ ସ୍କ୍ରିନଡ୍ ଫାଇନ୍ସ ଉତ୍ତୋଳନର ତାଞ୍ଚାରୁ ଚୂର୍ଣ୍ଣ ଫାଇନ୍ସ ଉତ୍ତୋଳନ ରିପୋର୍ଟରେ ଉଲ୍ଲେଖନୀୟ ହ୍ରାସ ଘଟିଛି, ଯାହାକି 20 ଟି ନମୁନା ଯାଞ୍ଚ ହୋଇଥିବା ଖଣି କ୍ଷେତ୍ରରେ ପ୍ରାୟ 5841.80 କୋଟି ଟଙ୍କାର ରୟାଲଟି ଏବଂ ପ୍ରାୟ 4,452.44 କୋଟି ଟଙ୍କାର ପ୍ରିମିୟମ ସହିତ ମୋଟ 10,294.24 କୋଟି ଟଙ୍କାର ରାଜସ୍ୱର ପ୍ରଭାବ ପକାଇଛି ।

### 2.3 *ଲୌହ ଗୁଣ୍ଡ ତୁଳନାରେ ଲୌହ ଖଣ୍ଡର ରିପୋର୍ଟ ତୁଳନାରେ ହ୍ରାସ*

ଏଏସ୍‌ପି ଏବଂ ଲୌହ ଖଣ୍ଡ ଉପରେ ଦିଆଯାଉଥିବା ରୟାଲଟି ଏବଂ ପ୍ରିମିୟମ ଲୌହ ଗୁଣ୍ଡ ତୁଳନାରେ ବହୁତ ଅଧିକ । ଆଠଟି ନିଲାମ ହୋଇଥିବା ଖଣିର ତଥ୍ୟର ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଏଥିମଧ୍ୟରୁ ପାଞ୍ଚଟି ଖଣିରେ ପୁରୁଣା ଲିଜଧାରୀଙ୍କ ତୁଳନାରେ ନୂତନ ଲିଜଧାରୀଙ୍କ ରିପୋର୍ଟ ଅନୁଯାୟୀ ଲୁହା ଖଣ୍ଡର ଅନୁପାତରେ ହ୍ରାସ ଏବଂ ଲୁହା ଗୁଣ୍ଡର ବୃଦ୍ଧି ଘଟିଛି । 2014-20 ଅବଧି ମଧ୍ୟରେ ବିଭିନ୍ନ ଖଣିର ଉତ୍ତୋଳିତ ଲୌହ ଖଣ୍ଡର ଅନୁପାତ ପୁରାତନ ଲିଜଧାରୀଙ୍କ ତୁଳନାରେ 23 ପ୍ରତିଶତରୁ 50 ପ୍ରତିଶତ ମଧ୍ୟରେ ଥିବା ରିପୋର୍ଟ କରାଯାଇଥିଲା । 2020-21 ଆର୍ଥିକ ବର୍ଷରେ ଏହା ହଠାତ୍ ହ୍ରାସ ପାଇ 10 ରୁ 29 ପ୍ରତିଶତ ମଧ୍ୟରେ ଥିବା ବେଳେ ଲୌହ ଗୁଣ୍ଡ ଅନୁପାତରେ ବୃଦ୍ଧି ଘଟିଛି ।

### 2.4 *ଏକ୍ସ ମାଇନ୍ସ ମୂଲ୍ୟର ବିବରଣୀ*

ସମାନ ଗ୍ରେଡ ଲୁହାପଥର ଏବଂ ଲୌହଗୁଣ୍ଡ ପାଇଁ ସମାନ ଲିଜଧାରୀ ତଥା ବିଭିନ୍ନ ଲିଜଧାରୀଙ୍କ ଦ୍ୱାରା ଏକ୍ସ ମାଇନ୍ସ ମୂଲ୍ୟ (ଇଏମ୍‌ପି) ରେ ବ୍ୟାପକ ପରିବର୍ତ୍ତନର ବିବରଣୀ ଦିଆଯାଇଥିଲା । ଯେହେତୁ ଲିଜଧାରୀ ଦ୍ୱାରା ଦିଆଯାଉଥିବା ଇଏମ୍‌ପିର ବିବରଣୀ ଆଇବିଏମ୍ ଦ୍ୱାରା ହାରାହାରି ବିକ୍ରୟ ମୂଲ୍ୟ (ଏଏସ୍‌ପି) ଗଣନା ପାଇଁ ନିର୍ଣ୍ଣୟକାରୀ ହୋଇଥିଲା । ଲିଜଧାରୀଙ୍କ ଦ୍ୱାରା କମ୍ ଇଏମ୍‌ପିର ବିବରଣୀ/ ରିପୋର୍ଟ ଆଇବିଏମ୍ ଦ୍ୱାରା ପ୍ରକାଶିତ ଲୁହାପଥର ଏଏସ୍‌ପି ହ୍ରାସ କରିବାରେ ପ୍ରଭାବ ରହିଥିଲା ଏବଂ ଫଳସ୍ୱରୂପ ଲିଜଧାରୀଙ୍କ ଦ୍ୱାରା ପ୍ରଦାନ କରାଯିବାକୁ ଥିବା ଡିଏମ୍‌ଏଫ୍ ଏବଂ ଏନ୍‌ଏମ୍‌ଇଟିର ଦେୟ ସହିତ ରୟାଲଟି ଏବଂ ପ୍ରିମିୟମ ପରିମାଣ ଉପରେ ପ୍ରଭାବ ପଡ଼ିଥିଲା ।

ବିଭିନ୍ନ ଗ୍ରେଡ ମଧ୍ୟରେ ଏକ ମାଇନ୍ସ ମୂଲ୍ୟରେ ଏହି ଅସ୍ୱାଭାବିକ ପରିବର୍ତ୍ତନକୁ ଲାଲ ଚିହ୍ନ ଭାବରେ ସୂଚିତ କରିବାର ଆବଶ୍ୟକ ଥିଲା । ତଥାପି, ଏହି ପରିବର୍ତ୍ତନକୁ ବିଶ୍ଳେଷଣ କରାଯାଇ ନାହିଁ କିମ୍ବା ପରୀକ୍ଷା/ ଅନୁସନ୍ଧାନ ପାଇଁ ନିଆଯାଇ ନାହିଁ ଏବଂ ଡିଡିଏମ୍ ନିର୍ଦ୍ଦେଶାଳୟ କିମ୍ବା ସରକାରଙ୍କ ସ୍ତରରେ କୌଣସି କାର୍ଯ୍ୟ ଆରମ୍ଭ କରାଯାଇ ନାହିଁ ।

## 3. ଖଣିଜ ରାଜସ୍ୱର ଆକଳନ ଏବଂ ସଂଗ୍ରହ

ଖଣି ଲିଜଧାରୀଙ୍କ ଦ୍ୱାରା ପ୍ରଦାନ କରାଯିବାକୁ ଥିବା ରୟାଲଟିକୁ ତ୍ରୈମାସିକ ଭିତ୍ତିରେ ସଂପୃକ୍ତ ଖଣି ମଣ୍ଡଳର ଡିଡିଏମ୍/ଏମ୍‌ଓ ଦ୍ୱାରା ଆକଳନ କରାଯିବ । ଲିଜଧାରୀଙ୍କ ଦ୍ୱାରା ପ୍ରଦାନ କରାଯିବାକୁ ଥିବା ରୟାଲଟିର ବିବରଣ ସହିତ ମାସିକ ରିଟର୍ଣ୍ଣ ପାଇବା ପରେ ଡିଡିଏମ୍/ ଏମ୍‌ଓ ଉକ୍ତ ରିଟର୍ଣ୍ଣର ତ୍ରୈମାସିକ ଯାଞ୍ଚ କରିବା ଆବଶ୍ୟକ ଏବଂ ଲିଜଧାରୀଙ୍କ ଦ୍ୱାରା ପରିଚାଳିତ ଅନ୍ୟାନ୍ୟ ପ୍ରଯୁଜ୍ୟ ଯେପରିକି ଖଣି ଲିଜ ଅଞ୍ଚଳରୁ ସ୍ୱବ୍ୟବହୃତ /ଅପସାରିତ ଖଣିଜ ପଦାର୍ଥର ଦଲିଲଗୁଡ଼ିକୁ ମଧ୍ୟ ଯାଞ୍ଚ କରିବା ଆବଶ୍ୟକ ।

### 3.1 *ବିକ୍ରୟ କାରବାରର ଅଣ-ଯାଞ୍ଚ*

ସାତଜଣ ଲିଜଧାରୀଙ୍କ ଦ୍ୱାରା ବାଣିଜ୍ୟିକ କର (ସିଟି) ବିଭାଗ ଓ ଖଣି ମଣ୍ଡଳକୁ ଦିଆଯାଇଥିବା ମୋଟ ବିକ୍ରୟ କାରବାରର ବିବରଣୀ ମଧ୍ୟରେ ପାର୍ଥକ୍ୟ ଥିଲା । ରୟାଲଟି ଦେୟ ପ୍ରତି ସେମାନଙ୍କର ଦାୟିତ୍ୱକୁ ହ୍ରାସ କରିବା ପାଇଁ ସେମାନଙ୍କ ବିକ୍ରୟ କାରବାରକୁ କମ୍ ରିପୋର୍ଟ କରୁଥିବା ଲିଜଧାରୀଙ୍କ ବୃଦ୍ଧିକୁ ସୂଚିତ କରୁଥିଲା । ଏହି ସାତ ଜଣ ଲିଜଧାରଙ୍କ ପାଇଁ ରୟାଲଟିର ସ୍ୱଳ୍ପ ଆକଳନ ପ୍ରାୟ 905.66 କୋଟି ଟଙ୍କା ପର୍ଯ୍ୟନ୍ତ କମ୍ କରିଥିଲା । ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ପ୍ରାୟ 271.70 କୋଟି ଟଙ୍କା (30 ପ୍ରତିଶତ) ଏବଂ ନେସନାଲ୍ ମିନେରାଲ ଏକ୍ସପ୍ଲୋରେସନ୍ ଟ୍ରଷ୍ଟ (ଏନ୍‌ଏମ୍‌ଇଟି) ପ୍ରାୟ 18.11 କୋଟି ଟଙ୍କା (2 ପ୍ରତିଶତ) ମଧ୍ୟ ଆଦାୟ ହେବାର ଥିଲା । ଜିଏସ୍‌ଟି ରିଟର୍ଣ୍ଣ

ଏବଂ ଆଇଓଏମ୍ଏସ୍‌ର ବାର୍ଷିକ ରିଟର୍ଣ୍ଣ ମଧ୍ୟରେ ବିକ୍ରୟ କାରବାରର ଭିନ୍ନତା ହେତୁ ଆଇଓଏମ୍ଏସ୍‌ରେ ବାର୍ଷିକ ରିଟର୍ଣ୍ଣରେ ଲିଜଧାରୀଙ୍କ ଦ୍ୱାରା ସଠିକ୍ ଏବଂ ସମ୍ପୂର୍ଣ୍ଣ ବିକ୍ରୟ କାରବାରର ଘୋଷଣା ରହିଛି ବୋଲି ଅଡିଟ୍ ନିଶ୍ଚିତ ହୋଇପାରିଲା ନାହିଁ ।

## 4. ଖଣି କାର୍ଯ୍ୟକଳାପର ନିୟମାବଳୀ

ଖଣି କାର୍ଯ୍ୟକଳାପର ନିୟମାବଳୀ, ପ୍ରମୁଖ ଖଣିଜ ଏବଂ ନିର୍ଦ୍ଦିଷ୍ଟ ଲଘୁ ଖଣିଜ ପଦାର୍ଥ ସମ୍ବନ୍ଧୀୟ ନିୟମ ବିଜ୍ଞପ୍ତି ଏବଂ ଅନୁମୋଦିତ ଖଣି ଯୋଜନା ଓ ବିଧିଗତ କ୍ଲିଅରାନ୍ସର ଧାର୍ଯ୍ୟ ସର୍ତ୍ତାବଳୀ ପ୍ରସ୍ତୁତ କରିବା ଇସ୍ପାତ୍ ଏବଂ ଖଣି ବିଭାଗର ଦାୟିତ୍ୱ ଅଟେ ।

### *4.1 ପରିବେଶ ସୁରକ୍ଷା ବ୍ୟବସ୍ଥାର ଉଲ୍ଲଂଘନ*

ପରିବେଶ ମଞ୍ଜୁରୀର ସୀମା ଠାରୁ ଅଧିକ ଖଣି କାର୍ଯ୍ୟକଳାପ ପରିବେଶ ଉପରେ ଅତ୍ୟନ୍ତ ଭୟଙ୍କର ଏବଂ ସୁଦୂରପ୍ରସାରୀ ପ୍ରତିକୂଳ ପ୍ରଭାବ ପକାଇପାରେ । ଦୁଇଟି ଲୁହାପଥର ଖଣି ଏବଂ ଗୋଟିଏ କୋଇଲା ଖଣି କ୍ଷେତ୍ରରେ ପରିବେଶ କ୍ଲିଅରାନ୍ସ (ଇସି)ରେ ଧାର୍ଯ୍ୟ କରାଯାଇଥିବା ସୀମା ଠାରୁ ଅଧିକ ଖଣିଜ ଉତ୍ତୋଳନ ଲକ୍ଷ୍ୟ କରାଯାଇଥିଲା । ଇସିରେ ଧାର୍ଯ୍ୟ ହୋଇଥିବା ଉତ୍ତୋଳନ ସୀମା ଠାରୁ ବିଚ୍ୟୁତ ହେବା ବେଆଇନ ଖଣି ଭାବରେ ପରିଗଣିତ କରେ । ତେଣୁ, ଉତ୍ତୋଳିତ ଖଣିଜ ପଦାର୍ଥର ମୂଲ୍ୟ ଦେବାକୁ ବାଧ ଅଟେ, ଯାହାର ପରିମାଣ ହେଉଛି 1,699.05 କୋଟି ଟଙ୍କା ।

ଗୋଟିଏ କ୍ରୋମାଇଟ୍ ଖଣି କ୍ଷେତ୍ରରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ଏମ୍‌ଓଇଏଫ୍‌ସିସି) ର ବିନା ଅନୁମତିରେ ଜଙ୍ଗଲ ଜମିରୁ ଖଣିଜ ପଦାର୍ଥର ଅନଧିକୃତ ଉତ୍ତୋଳନ ମଧ୍ୟ କରାଯାଇଥିଲା ଯାହା ଉତ୍ତୋଳିତ ଖଣିଜ ପଦାର୍ଥର ମୂଲ୍ୟ ଦେବାକୁ ବାଧ ଅଟେ, ଯାହାର ପରିମାଣ ହେଉଛି 150.10 କୋଟି ଟଙ୍କା ।

ଏଥି ସହ ପରିବେଶ ସୁରକ୍ଷା ଆଇନ୍ ଏବଂ ଜଙ୍ଗଲ ସଂରକ୍ଷଣ ଅଧିନିୟମର ସଂପୃକ୍ତ ନିୟମାବଳୀ ଅନୁଯାୟୀ ଏହି ମାମଲା ଗୁଡ଼ିକ ମଧ୍ୟ ଦଣ୍ଡନୀୟ କାର୍ଯ୍ୟ ପାଇଁ ଦାୟୀ ଅଟେ ।

### *4.2 ଅନୁମୋଦିତ ଖଣି ଯୋଜନାରୁ ଅଧିକ ଉତ୍ତୋଳନ*

ଖଣି କାର୍ଯ୍ୟକଳାପ ନିୟନ୍ତ୍ରଣ ଅନୁସାରେ ଦେଖାଗଲା ଯେ ଆଠଟି ଖଣି କ୍ଷେତ୍ରରେ ଅନୁମୋଦିତ ଖଣି ଯୋଜନାରେ ଧାର୍ଯ୍ୟ କରାଯାଇଥିବା ସୀମା ଠାରୁ ଅଧିକ ଖଣିଜ ଉତ୍ତୋଳନ ହୋଇଛି । ଉତ୍ତୋଳିତ ଖଣିଜ ପଦାର୍ଥର ମୂଲ୍ୟ ଯାହାର ପରିମାଣ 3,618.50 କୋଟି ଟଙ୍କା ଆଦାୟ କରାଯିବ ।

ସଂପୃକ୍ତ ପରିବେଶ ସୁରକ୍ଷା ବ୍ୟବସ୍ଥାର ଉଲ୍ଲଂଘନ କରି ଖଣି କାର୍ଯ୍ୟକଳାପ କରିବା ଏବଂ ଖଣି ଯୋଜନାର ସୀମା ଅତିକ୍ରମ କରିବା ମଧ୍ୟ ପ୍ରଭାବିତ ଅଞ୍ଚଳର ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ।

## 5. ପର୍ଯ୍ୟାଲୋଚନା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ

ଲିଜଧାରୀଙ୍କ ଖଣି କାର୍ଯ୍ୟକଳାପ ଉପରେ ନଜର ରଖିବା ଏବଂ ସରକାରଙ୍କ ହିତକୁ ରକ୍ଷା କରିବା ପାଇଁ ଆଭ୍ୟନ୍ତରୀଣ ନିୟନ୍ତ୍ରଣର ଏକ ସୁଦୃଢ଼ ବ୍ୟବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

### *5.1 ସରକାରୀ ପରୀକ୍ଷାଗାର ଗୁଡ଼ିକର କାର୍ଯ୍ୟକାରିତା*

ଖଣିଜ ପଦାର୍ଥର ଗ୍ରେଡ ସୁନିଶ୍ଚିତ କରିବା ନିମନ୍ତେ ରାସାୟନିକ ପରୀକ୍ଷଣ କରିବା ପାଇଁ ସରକାରୀ ପରୀକ୍ଷାଗାର ଗୁଡ଼ିକର କାର୍ଯ୍ୟକାରିତାରେ ଗୁରୁତ୍ୱପୂର୍ଣ୍ଣ ମାମଲା ଗୁଡ଼ିକ ଥିଲା । 2015-22 ଅବଧିରେ କ୍ରୋମାଇଟର ରାସାୟନିକ ବିଶ୍ଳେଷଣ ପାଇଁ ଆସିଥିବା ସମୁଦାୟ 31,677 ନମୁନା ମଧ୍ୟରୁ 31,340 ନମୁନାକୁ ଆବଶ୍ୟକୀୟ ରାସାୟନିକ

ପଦାର୍ଥର ପର୍ଯ୍ୟାପ୍ତ ମହଜୁଦ୍ ବିନା ବିଶ୍ଳେଷଣ କରାଯାଇଥିଲା । ସେହିଭଳି, ଲୁହାପଥର ନମୁନା ବିଶ୍ଳେଷଣ ପାଇଁ ଆବଶ୍ୟକ ରାସାୟନିକ ପଦାର୍ଥର ଷ୍ଟକ୍ 10 ଥର ଶେଷ ହୋଇଯାଇଥିଲା ଏବଂ ନୂତନ ଷ୍ଟକ୍ ପ୍ରାପ୍ତ ହେବାରେ ନଅ ରୁ 82 ଦିନର ବ୍ୟବଧାନ ଥିଲା, ଯାହା ମଧ୍ୟରେ ଏହି ନମୁନାଗୁଡ଼ିକୁ ବିଶ୍ଳେଷଣ କରାଯାଇଥିବା ଦର୍ଶାଯାଇଥିଲା । ଆବଶ୍ୟକ ରାସାୟନିକ ପଦାର୍ଥର ମହଜୁଦ୍ ବିନା ନମୁନାଗୁଡ଼ିକର ବିଶ୍ଳେଷଣ, ବିଶ୍ଳେଷଣ ରିପୋର୍ଟ ଉପରେ ଗୁରୁତର ପ୍ରଶ୍ନ ସୃଷ୍ଟି କଲା ଏବଂ ନମୁନା ଗୁଡ଼ିକର ପ୍ରକୃତ ପରୀକ୍ଷଣ ବିନା ବିଶ୍ଳେଷଣ ରିପୋର୍ଟ ଜାରି କରାଯାଇଥିବାର ଆଶଙ୍କା ସୃଷ୍ଟି କଲା ।

ପୁନଶ୍ଚ, ବିଭିନ୍ନ ସରକାରୀ ପରୀକ୍ଷାଗାର/ ସମାନ ପରୀକ୍ଷାଗାରରେ ବିଭିନ୍ନ ସମୟରେ ବିଶ୍ଳେଷଣ କରାଯାଇଥିବା ସମାନ ନମୁନା ପାଇଁ ନମୁନା ଗୁଡ଼ିକର ଫଳାଫଳ ଭିନ୍ନ ଥିଲା । ଏହା ନମୁନା ପରୀକ୍ଷଣ ଏବଂ ବିଶ୍ଳେଷଣ ପ୍ରଣାଳି ସୁଦୃଢ଼ ନଥିବା ସୂଚାଇଲା ଏବଂ ସରକାରୀ ପରୀକ୍ଷାଗାର ଦ୍ୱାରା ପ୍ରକାଶିତ ବିଶ୍ଳେଷଣ ରିପୋର୍ଟର ସଠିକତା ଏବଂ ବିଶ୍ୱସନୀୟତା ଉପରେ ଗମ୍ଭୀର ପ୍ରଶ୍ନ ସୃଷ୍ଟି କଲା ।

### *5.2 ଚେକ୍ ଗେଟ୍ ଗୁଡ଼ିକର କାର୍ଯ୍ୟକାରିତା*

ଟ୍ରାନ୍‌ଜିଟ୍ ପାସ୍ ପ୍ରଦାନ ଏବଂ ଚେକ୍ ଗେଟ୍ / ଧର୍ମ କଣ୍ଟାରେ ସେଗୁଡ଼ିକର ଯାଞ୍ଚ ସମ୍ବନ୍ଧରେ ପ୍ରମୁଖ ପ୍ରସଙ୍ଗ ଗୁଡ଼ିକ ଲକ୍ଷ୍ୟ କରାଯାଇଥିଲା । ଖଣିଜ ଦ୍ରବ୍ୟ ପରିବହନ ପାଇଁ ପ୍ରଦାନ କରାଯାଇଥିବା 1,18,44,864 ଇ-ପାସ୍ ଯାହାକି 10 ଟି ନମୁନା ଚେକ୍ ଗେଟ୍ ଦେଇ ଯାଇଥିଲା । ଏହା ଲକ୍ଷ୍ୟ କରାଗଲା ଯେ, 16,79,220 ଟି ଇ-ପାସ୍ ସମ୍ବନ୍ଧରେ କୌଣସି ତଥ୍ୟ ଅଇଏମ୍ଏସ୍‌ରେ ଉପଲବ୍ଧ ନଥିଲା । ଖଣିଜ ପଦାର୍ଥ ପରିବହନ ପାଇଁ ପ୍ରଦାନ କରାଯାଇଥିବା 16,79,220 ଟି ଇ-ପାସ୍ ଗୁଡ଼ିକର ଯାଞ୍ଚ କରାନଯିବା ଫଳରେ 1473.26 କୋଟି ଟଙ୍କାର ସର୍ବନିମ୍ନ 1.48 କୋଟି ଟଙ୍କା ଏମ୍‌ଟି ଲୁହାପଥର ପରିବହନରେ ବିବରଣ ରହିନଥିଲା । ଏହି ଇ-ପାସ୍ ଗୁଡ଼ିକର ଟ୍ରାକିଂ ନ ରହିବା ଫଳରେ ବିଦ୍ୟମାନ ନିୟମାବଳୀକୁ ଉଲ୍ଲଂଘନ କରି ଖଣିଜ ପଦାର୍ଥର ଅତିରିକ୍ତ ଉତ୍ତୋଳନ ଏବଂ ପରିବହନ କରାଯାଇଥିବା ଆଶଙ୍କାକୁ ସମ୍ପୂର୍ଣ୍ଣରୂପେ ଏଡ଼ାଇ ଦିଆଯାଇପାରିବ ନାହିଁ । ଅଧିକନ୍ତୁ, ଚେକ୍ ଗେଟ୍ ଗୁଡ଼ିକରେ ମାନବ ସମ୍ବଳର ଅଭାବ, ଇଣ୍ଟରନେଟ୍ ସଂଯୋଗ ହୋଇନଥିବା ଏବଂ ବାରକୋଡ୍ ସ୍କାନର ଭଳି ଅତ୍ୟାବଶ୍ୟକ ସାମଗ୍ରୀ ନଥିବା ଲକ୍ଷ୍ୟ କରାଯାଇଥିଲା । ଧର୍ମକଣ୍ଟା ଗୁଡ଼ିକ ମଧ୍ୟ କାର୍ଯ୍ୟଦକ୍ଷତା ନଥିବା ଲକ୍ଷ୍ୟ କରାଯାଇଥିଲା । ଏହିପରି ପରିସ୍ଥିତିରେ ଏହି ଅଞ୍ଚଳରେ ଅଧିକ ଖଣିଜ ପଦାର୍ଥର ପରିବହନକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ ।

### *5.3 ଖଣିଜ ଦ୍ରବ୍ୟ ପରିବହନ ଯୋଗ୍ୟ ନଥିବା ଗାଡ଼ିକୁ ଇ-ପାସ୍ ପ୍ରଦାନ*

ସମୀକ୍ଷା ଲକ୍ଷ୍ୟ କଲା ଯେ, 3,697 ଯାନ ଯାହାପାଇଁ ଇ-ପାସ୍ ପ୍ରଦାନ କରାଯାଇଥିଲା, ସେହି ଯାନଗୁଡ଼ିକ ମଟରସାଇକେଲ୍, କାର, ତିନି ଚକିଆ ଯାନ ଇତ୍ୟାଦି ଭାବରେ ପଞ୍ଜୀକୃତ ହୋଇଥିଲା ଏବଂ ସମୀକ୍ଷା ଅବଧି ମଧ୍ୟରେ ସେହି ଯାନଗୁଡ଼ିକ 67,271.82 ଏମ୍‌ଟି ଖଣିଜ ପରିବହନ କରିଥିବା ଦର୍ଶାଇଥିଲା । ଏହି ଯାନଗୁଡ଼ିକ ଆଇଏମ୍ଏସ୍‌ରେ ପଞ୍ଜୀକୃତ ମଧ୍ୟ ହୋଇନଥିଲା । ଏହା ସ୍ପଷ୍ଟ ଭାବରେ ସୂଚିତ କଲା ଯେ ଖଣିଜ ପଦାର୍ଥ ପରିବହନ ପାଇଁ ପଞ୍ଜୀକୃତ ହୋଇନଥିବା ଯାନଗୁଡ଼ିକର ପର୍ଯ୍ୟାଲୋଚନାର ଅଭାବ ଥିଲା । ତେଣୁ, ଅଗଣିତ ଖଣିଜ ପଦାର୍ଥର ବେଆଇନ୍ ପରିବହନ ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ।

### *5.4 ନିରୀକ୍ଷଣ ଏବଂ ଚଢ଼ାଉ*

ରାଜ୍ୟସ୍ତରୀୟ ପ୍ରବର୍ତ୍ତନ ସ୍କ୍ୱାଡ୍ ଦ୍ୱାରା 2015-22 ଅବଧିରେ ଧାର୍ଯ୍ୟ 2520 ରୁ 2940 ନିରୀକ୍ଷଣ/ ଚଢ଼ାଉ ତୁଳନାରେ କେବଳ 265 ନିରୀକ୍ଷଣ / ଚଢ଼ାଉ କରାଯାଇଥିଲା । ତେଣୁ, ଧାର୍ଯ୍ୟ ଲକ୍ଷ୍ୟର କେବଳ 9.01 ରୁ 10.52 ପ୍ରତିଶତ କରାଯାଇପାରିଥିଲା । 2015-22 ଅବଧି ମଧ୍ୟରେ, ପାଞ୍ଚଟି ନମୁନା ଯାଞ୍ଚ ଖଣି ମଣ୍ଡଳରେ ଉପଖଣି ନିର୍ଦ୍ଦେଶକ (ଡିଡିଏମ୍) ମାନଙ୍କ ଦ୍ୱାରା କାର୍ଯ୍ୟକ୍ଷମ ଖଣି ଏବଂ ଅଣକାର୍ଯ୍ୟକ୍ଷମ ଖଣିର ନିରୀକ୍ଷଣରେ ଅଭାବର ମାତ୍ରା 73.96 ପ୍ରତିଶତରେ 100 ପ୍ରତିଶତ ମଧ୍ୟରେ ଥିବା ସମୀକ୍ଷା ଲକ୍ଷ୍ୟ କରିଥିଲା । ତେଣୁ, ଖଣିଜ ପଦାର୍ଥକୁ ଅନଧିକୃତ କାର୍ଯ୍ୟକଳାପରୁ ରକ୍ଷା କରିବା ପାଇଁ ବିଭାଗ ପର୍ଯ୍ୟାପ୍ତ ପର୍ଯ୍ୟାଲୋଚନା କରୁନଥିଲା ।

ସୁପାରିଶ:

ସରକାର:

1. ଲିଜ୍‌ଧାରୀଙ୍କ ଦ୍ୱାରା କରାଯାଇଥିବା ଅନିୟମିତତା ଉପରେ ଏକାଧିକ ବିଭାଗ ଦ୍ୱାରା ଆପତ୍ତି ଉଠାଯିବା ସତ୍ତ୍ୱେ ଲିଜ୍ ଅବଧି ବୃଦ୍ଧି ପାଇଁ ସୁପାରିଶ କରିଥିବା ସମ୍ପୃକ୍ତ ଅଧିକାରୀଙ୍କୁ ଉତ୍ତରଦାୟୀ କରିବା ଉଚିତ୍ ।

2. ଇଚ୍ଛାକୃତ କିମ୍ବା ଭୁଲ ତଥ୍ୟର ଆଧାରରେ ଉଚ୍ଚ ରୟାଲଟି ଏବଂ ପ୍ରିମିୟମକୁ ଏଡ଼ାଇବା ପାଇଁ ସମସ୍ତ ନିଲାମ ହୋଇଥିବା ଖଣି ଗୁଡ଼ିକର ରିପୋର୍ଟର ହଠାତ୍ ହ୍ରାସ ପାଇଥିବା ଲୌହ ଶ୍ରେଣୀର ସମୟାନୁବର୍ତ୍ତୀ ଏବଂ ସମ୍ପୂର୍ଣ୍ଣ ଅନୁସନ୍ଧାନ କରିବା ଉଚିତ୍ ।

3. ଲୌହ ଖଣ୍ଡର ଶ୍ରେଣୀ ଓ ଆକାରରେ ବର୍ଦ୍ଧିତ ଭୁଲ ରିପୋର୍ଟ ଯୋଗୁଁ ରାଜସ୍ୱ ହାନିର ବୃଦ୍ଧିକୁ ରୋକିବା ପାଇଁ ଏକ ନୀତି/ ଯାନ୍ତ୍ରିକ ବ୍ୟବସ୍ଥାର ପ୍ରଣୟନ କରିବା ଉଚିତ୍ ।

4. ଆଇବିଏମ୍ ସହ ସମନ୍ୱୟ ରକ୍ଷାକରି ପ୍ରତ୍ୟେକ ଖଣିରେ ଥିବା ଲୌହର ପ୍ରକୃତ ଶ୍ରେଣୀ, ଆକାର, ଚୂର୍ଣ୍ଣ ଗୁଣ୍ଡ ଓ ସୂକ୍ଷ୍ମ ଗୁଣ୍ଡର ପରିମାଣକୁ ପୁନଃ ଯାଞ୍ଚ ଦ୍ୱାରା ସୁନିଶ୍ଚିତ କରିବା ଏବଂ ପ୍ରକୃତ ରୟାଲଟି ଓ ପ୍ରିମିୟମକୁ ଆଦାୟ କରିବା । ଏହି ପରିସର ଆଇ3ଏମ୍‌ଏସ୍ ରେ ଏକୀକରଣ ହେବା ଉଚିତ୍ ଯାହା ସଂପୃକ୍ତ ଲିଜଧାରୀଙ୍କ ଦ୍ୱାରା ପ୍ରତିବେଦିତ ଖଣିର ଶ୍ରେଣୀ, ଆକାର ଏବଂ ଖଣିଜ ପଦାର୍ଥର ମିଶ୍ରଣକୁ ସିଷ୍ଟମ ଆଧାରରେ ସୁନିଶ୍ଚିତ କରିବ ।

5. ହାରାହାରି ବିକ୍ରୟ ମୂଲ୍ୟରେ ହ୍ରାସ ଯାହା ରୟାଲଟି ଏବଂ ପ୍ରିମିୟମ ଦେୟ ଉପରେ ପ୍ରଭାବ ପକାଇଥାଏ, ଲିଜଧାରୀ ଏହାକୁ ଜାଣିଶୁଣି କରୁଥିବା ସୁନିଶ୍ଚିତ କରିବା ପାଇଁ ଅନୁସନ୍ଧାନର ବ୍ୟବସ୍ଥା କରିବା ଉଚିତ୍ ।

6. ଖଣିଜ ପଦାର୍ଥ ଉତ୍ତୋଳନରେ ଗୁଣବତ୍ତା ଏବଂ ପର୍ଯ୍ୟାପ୍ତ ଯାଞ୍ଚର ଅଭାବ ପାଇଁ ସମ୍ପୃକ୍ତ ଅଧିକାରୀଙ୍କ ଉପରେ ଉତ୍ତରଦାୟିତ୍ୱ ସ୍ଥିର କରିବା ଉଚିତ୍ ।

7. ଆଇ3ଏମ୍‌ଏସ୍‌ରେ ଲିଜଧାରୀଙ୍କ ଦ୍ୱାରା ବିକ୍ରୟ କାରବାରର କମ୍ ରିପୋର୍ଟ ଦେବା ଉପରେ ଅନୁସନ୍ଧାନ କରିବା ଉଚିତ୍ ।

8. ସୂଚନାର ପ୍ରତି-ବିଧିସିଦ୍ଧକରଣ ଏବଂ ରୟାଲଟିର ସଠିକ ପ୍ରାପ୍ୟର ଆକଳନ ପାଇଁ ଆଇ3ଏମ୍‌ଏସ୍ ସହିତ ଜିଏସ୍‌ଟିଏନ୍‌ର ଏକୀକରଣ ସୁନିଶ୍ଚିତ କରିବା ଆବଶ୍ୟକ । ଅଧିକନ୍ତୁ, ଖଣି ମନ୍ତ୍ରଣାଳୟ ସହିତ ସମନ୍ୱୟ ରକ୍ଷା କରି ରୟାଲଟିର ଆକଳନ ବ୍ୟବସ୍ଥାରେ ଜିଏସ୍‌ଟି ରିଟର୍ଣ୍ଣରେ ଦର୍ଶାଯାଇଥିବା କାରବାରକୁ ଏକୀକରଣ କରିବାର ସମ୍ଭାବନା ମଧ୍ୟ ସରକାର ଅନୁସନ୍ଧାନ କରିବା ଉଚିତ୍ ।

9. ଆଇବିଏମ୍ ସହିତ କ୍ରୋମାଇଟ୍ ପାଇଁ ବିଦ୍ୟମାନ ଶ୍ରେଣୀ ବର୍ଗୀକରଣକୁ ସମୀକ୍ଷା କରିବା, ବିଭିନ୍ନ କ୍ରୋମାଇଟ୍ ($Cr_2O_3$) ପରିମାଣ ଥିବା ଖଣିଜର ହାରାହାରି ବିକ୍ରୟ ମୂଲ୍ୟ ପ୍ରକାଶନ ପାଇଁ ଅଧିକ ଉପଯୁକ୍ତ ଶ୍ରେଣୀ ବନ୍ଧନୀ ପ୍ରସ୍ତୁତ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବା ଉଚିତ୍, ଯାହାଦ୍ୱାରା ରୟାଲଟିରେ ପ୍ରକୃତ ବଜାର ମୂଲ୍ୟ ପ୍ରତିଫଳିତ ହେବ ।

10. ଖଣି ଖନନ ପାଇଁ ଦିଆଯାଇଥିବା ପରିବେଶ ମଞ୍ଜୁରୀର ଉଲ୍ଲଂଘନକାରୀଙ୍କ ବିରୋଧରେ ଏମ୍‌ଏମ୍‌ଡିଆର୍ ଅଧିନିୟମର ଧାରା 21(5) ଅନୁଯାୟୀ ସଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍ ଏବଂ ପରିବେଶ ସୁରକ୍ଷା ଆଇନ୍, 1986 ଏବଂ ଜଙ୍ଗଲ(ସଂରକ୍ଷଣ) ଅଧିନିୟମ, 1980 ପ୍ରଯୁଜ୍ୟ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍ ।

**11.** ବିଭିନ୍ନ ବୈଧାନିକ ମଞ୍ଜୁରୀ ଅଧୀନରେ ଅଧିକୃତ ପରିମାଣ ସହିତ ଲିଜ୍‌ଧାରକମାନଙ୍କ ଦ୍ୱାରା ଉତ୍ତୋଳନ କରାଯାଇଥିବା ପରିମାଣ ଉପରେ ନିୟମିତ ଯାଞ୍ଚ ସୁନିଶ୍ଚିତ କରିବା ପାଇଁ ଏକ ସୁଦୃଢ଼ ବ୍ୟବସ୍ଥା ବିକଶିତ କରିବା ଉଚିତ୍ ।

**12.** ବିଭିନ୍ନ ନିୟମାବଳୀରେ ନିର୍ଦ୍ଧାରିତ ସର୍ତ୍ତାବଳୀର ଉଲ୍ଲଂଘନ ପାଇଁ ଲିଜ୍‌ଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା ଉଚିତ୍ ।

**13.** ଯାଞ୍ଚ କରାନଯାଇ ଏମ୍‌ସିଭି ଗୁଡ଼ିକୁ ଦିଆଯାଇଥିବା ଇ-ପାସ୍ ଗୁଡ଼ିକର ଅନୁସନ୍ଧାନ କରିବା ଉଚିତ୍ ଏବଂ ଖଣିଜ ସମ୍ପଦର ଗତିବିଧି ଉପରେ ନଜର ରଖିବା ପାଇଁ ଯାଞ୍ଚ ନହୋଇଥିବା ପାସ୍ ଉପରେ ନିୟନ୍ତ୍ରଣ ନିଶ୍ଚିତ କରିବାକୁ ବିଦ୍ୟମାନ ଥିବା ପ୍ରକ୍ରିୟାକୁ ନବୀକରଣ କରିବା ଉଚିତ୍ ।

**14.** ଚେକ୍ ଗେଟ୍, ୱେ ବ୍ରିଜ ଏବଂ ପରୀକ୍ଷାଗାରରେ ପର୍ଯ୍ୟାପ୍ତ କର୍ମଚାରୀ ନିୟୋଜିତ କରିବା ସହିତ ଚେକ୍ ଗେଟ୍/ ୱେ ବ୍ରୀଜ୍ ଏବଂ ସରକାରୀ ପରୀକ୍ଷାଗାର ଗୁଡ଼ିକର ସୁଚାରୁ ରୂପେ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ଉପକରଣର ଉପଲବ୍‌ଧତା ସୁନିଶ୍ଚିତ କରିବା ଉଚିତ୍ ।

**15.** ଖଣି କାର୍ଯ୍ୟକଳାପର ପର୍ଯ୍ୟାପ୍ତ ତଦାରଖ ପାଇଁ ଏବଂ ଖଣିଜ ସମ୍ବଳକୁ ଅନଧିକୃତ କାର୍ଯ୍ୟକଳାପରୁ ସୁରକ୍ଷା ପ୍ରଦାନ କରିବା ପାଇଁ ଏସ୍‌ଏଲ୍‌ଇଏସ୍ ଦ୍ୱାରା ଆବଶ୍ୟକ ପରିମାଣର ନିରୀକ୍ଷଣ/ ଚଢ଼ାଉ ତଥା ଡିଡିଏମ୍‌ଙ୍କ ଦ୍ୱାରା ଖଣି ନିରୀକ୍ଷଣ ସୁନିଶ୍ଚିତ କରିବା ଉଚିତ୍ ।